Postal Reg. No.GDP-40/2017-2019

بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 2

ସଂଖ୍ୟା 38

ବାର୍ଷିକ ଦେୟ: ୩୦୦/-

# ସାପ୍ତାହିକ ବଦର

The Weekly BADAR Qadian କାଦିଆନ

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 21 ସେପ୍ଟେମ୍ବର୍ 2017 21 ତବୁକ୍ 1396 ହି.ଶ 29 ଜିଲ୍‌ହଜା 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ୟୈଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

ଡୁଇ ନାମୀ ଜଣେ ବ୍ୟକ୍ତି, ଯିଏ ଆମେରିକା ନିବାସୀ ଥିଲେ । ସେ ପୈଗମ୍ବରୀ (ଅବତାର ହେବା)ର ଦାବୀ କରିଥିଲେ । ଏବଂ ଇସ୍‌ଲାମ୍‌ର ଭିଷଣ ଶତ୍ରୁ ଥିଲେ । ସେ ଇସ୍‌ଲାମ୍‌ର ମୁଳୋତ୍ପାଟନ କରିବାକୁ ଚାହୁଁଥିଲା । ହଜ୍‌ରତ୍ ଇସାଙ୍କୁ ଖୁଦା ବୋଲି ଜାଣୁଥିଲା । ମୁଁ ତା ପାଖକୁ ଲେଖିଥିଲି ଯେ ସେ ମୋ ସହିତ ମୋବାହିଲା କରୁ ତତ୍ ସହିତ ଏହା ଲେଖିଥିଲି ଯେ ଯଦି ସେ ମୋବାହିଲା କରିବ ନାହିଁ ତେବେ ମଧ୍ୟ ଖୁଦା ତାକୁ ଧ୍ୱଂସ କରିଦେବେ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**୨୮-ଅଠେଇଶିତମ ନିଦର୍ଶନ** - ଆତ୍ମାରାମର ସନ୍ତାନମାନଙ୍କ ମୃତ୍ୟୁର ଭବିଷ୍ୟବାଣୀ- ସୁତରାଂ କୋଡ଼ିଏ ଦିନ ଭିତରେ ତାର ଦୁଇଟି ପୁତ୍ର ମରିଗଲେ । ଏହି ପେଶ୍‌ଗୋଇର ସାକ୍ଷୀ ସେହି ଯମାତ୍‌ର ଲୋକମାନେ ଅଛନ୍ତି ଯେଉଁମାନେ ଗୁରୁଦାସ୍‌ପୁର୍‌ଠାରେ ମୋ ସହିତ ମୋକଦ୍ଦମାରେ ହାଜିର୍ ଥିଲେ ।

**୨୯-ଅଣତିରିଶିତମ ନିଦର୍ଶନ** - ଲାଲା ଚନ୍ଦୁଲାଲ୍ ମାଜିଷ୍ଟ୍ରେଟ୍ ଏକ୍‌ଷ୍ଟ୍ରା ଆସିଷ୍ଟାଂଟ୍ ଗୁରୁଦାସ୍‌ପୁରଙ୍କ ପତନ ବାବଦରେ ପେଶ୍‌ଗୋଇ । ସୁତରାଂ ସେ ଗୁରୁଦାସ୍‌ପୁର୍‌ରୁ ବଦଳି ହୋଇ ମୁଲ୍‌ତାନ୍ ମନ୍‌ସଫି ଚାଲିଗଲା ।

**୩୦-ତିରିଶିତମ ନିଦର୍ଶନ**- ଆମେରିକାରେ ଜଣେ ଡୁଇ ନାମୀ ବ୍ୟକ୍ତି ଥିଲେ । ସେ ପୈଗମ୍ବର୍ (ଅବତାର) ହେବାର ଦାବୀ କରିଥିଲା ଓ ଇସ୍‌ଲାମ୍‌ର ଭିଷଣ ଶତ୍ରୁ ଥିଲା । ତା ଭାବନା ଥିଲା ଯେ ସେ ଇସ୍‌ଲାମ୍‌ର ମୁଳୋତ୍ପାଟନ କରିଦେବ । ସେ ହଜ୍‌ରତ୍ ଇସାଙ୍କୁ ଖୁଦା ବୋଲି ମାନୁଥିଲା । ମୁଁ ତା ପାଖକୁ ଲେଖିଥିଲି ଯେ ସେ ମୋ ସହିତ ମୋବାହିଲା କରୁ ତତ୍‌ସହିତ ଏହା ଲେଖିଥିଲି ଯେ ଯଦି ସେ ମୋବାହିଲା ନ କରିବ ତେବେ ମଧ୍ୟ ଖୁଦା ତାକୁ ଧ୍ୱଂସ କରିଦେବେ । ସୁତରାଂ ଏହି ପେଶ୍‌ଗୋଇ ଆମେରିକାର ଅନେକ ଖବରକାଗଜରେ ପ୍ରକାଶ କରାଗଲା ଓ ନିଜର ଇଂରାଜୀ ପତ୍ରିକାରେ ମଧ୍ୟ ପ୍ରକାଶ କରାଗଲା । ପରିଶେଷରେ ଏହି ପେଶ୍‌ଗୋଇର ଫଳାଫଳ ଏପରି ହେଲା ଯେ କେତେ ଲକ୍ଷ୍ୟ ଟଙ୍କା ସମ୍ପତିରୁ ସେ ହାତ ଧୋଇ ବସିଲା । ଏବଂ ବହୁତ ଅପମାନିତ ହେଲା ଓ ନିଜେ ପକ୍ଷାଘାତର ଏପରି ଶିକାର ହୋଇଗଲା ଯେ ସେ ଏବେ ନିଜେ ଗୋଟିଏ ପାଦ ଚାଲିପାରୁନାହିଁ । ସବୁଆଡ଼େ ତାକୁ ଉଠାଇ କରି ନିଆଯାଉଛି । ଆମେରିକାର ଡାକ୍ତରମାନେ ଏ ରାୟ ଦେଇଛନ୍ତି ଯେ ଏବେ ଇଏ ଠିକ୍ ହୋଇପାରିବ ନାହିଁ ଓ କିଛି ମାସ ଭିତରେ ମରିଯିବ ।

**୩୧-ଏକତିରିଶିତମ ନିଦର୍ଶନ** - ଡାଃ ମାର୍ଟିନ୍ କ୍ଲାର୍କ ମୋକଦ୍ଦମାରେ ମୋ ମୁକ୍ତି ସମ୍ବନ୍ଧରେ ପେଶ୍‌ଗୋଇ ଥିଲା । ଯେଉଁଥିରେ ସେ ମୋ ଉପରେ ହତ୍ୟା ଆରୋପ ଲଗାଇ ମୋକଦ୍ଦମା କରିଥିଲା । ସୁତରାଂ ମୁଁ ଉକ୍ତ ପେଶ୍‌ଗୋଇ ମୁତାବକ ଖଲାସ୍ ହେଲି ।

**୩୨-ବତିଶିତମ ନିଦର୍ଶନ**- ଟ୍ୟାକ୍ସ ମୋକଦ୍ଦମା ବାବଦରେ ପେଶ୍‌ଗୋଇ ଯାହାକୁ କିଛି ଦୁଷ୍ଟ ଲୋକ ଇଂରେଜ ସରକାରଙ୍କ ନିକଟରେ ମୋ ବିପକ୍ଷରେ କହିଥିଲେ । ଯେ ହଜାର ହଜାର ଟଙ୍କା ତାଙ୍କର ଆମଦାନୀ ହେଉଛି । ତେଣୁ ତାଙ୍କ ଉପରେ ଟ୍ୟାକ୍ସ ଲଗାଇବା ଉଚିତ୍ । (କିନ୍ତୁ) ଖୁଦାତାଲା ମୋ ଉପରେ ପ୍ରକାଶ କଲେ ଯେ ସେହି ଲୋକମାନେ ଅସଫଳ ହେବେ । ସୁତରାଂ ଏପରି ହିଁ ହେଲା ।

**୩୩-ତେତିଶିତମ ନିଦର୍ଶନ**-ମିଷ୍ଟର୍ ଡୁଇ ସାହେବ୍, ଡେ଼ପୁଟି କମିଶନର୍ ଗୁରୁଦାସ୍‌ପୁର୍‌ଙ୍କ ନିକଟରେ ମୋତେ ସଜା ଦେବା ପାଇଁ ଗୋଟିଏ ଫୌଜଦାରୀ ମୋକଦ୍ଦମା ପୋଲିସ୍ ଦ୍ୱାରା କରାଇଥିଲେ । ତାଙ୍କ ବିଷୟରେ ଖୁଦାତାଲା ମୋତେ ଜଣାଇଲେ ଯେ ଏପରି ଚେଷ୍ଟା କରୁଥିବା ବ୍ୟକ୍ତି ଅସଫଳ ହେବେ । ସୁତରାଂ ଏପରି ହିଁ ହେଲା । ଏ ବାବଦରେ ଖୁଦାତାଲା ମୋତେ କହିଲେ ଇନ୍ନା ତଜାଲିଦୁନା ଫନ୍‌କତଅଲ୍ ଅଦୁ ଓ୍ୱ ଅସ୍‌ବାବହୁ । ଅର୍ଥାତ୍ ଆମ୍ଭେ ତରବାରି ସହିତ ଯୁଦ୍ଧ କଲୁ । ଯାହା ଫଳରେ ଶତ୍ରୁ ନିପାତ ହୋଇଗଲା ଓ ତାର ସମସ୍ତ ସାଧନ ମଧ୍ୟ ନିପାତ ହୋଇଗଲା । ଏଠାରେ ଶତ୍ରୁ ହେଉଛନ୍ତି ଜଣେ ଡେ଼ପୁଟି ଇନିସ୍‌ପେକ୍ଟର୍, ଯିଏ ବିନା କାରଣରେ (କେବଳ) ଶତ୍ରୁତା କରି ମୋକଦ୍ଦମା ବନାଇଥିଲେ । ତେଣୁ ଶେଷରେ ସେ ନିପାତ ହୋଇଗଲେ ।

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**୩୪-ଚଉତିରିଶିତମ ନିଦର୍ଶନ**-ମୋର ଗୋଟିଏ ପୁତ୍ର ମରିଯାଇଥିଲେ । ବିରୋଧିମାନେ ସେମାନଙ୍କ ଚିରାଚରିତ ଚରିତ୍ର ଅନୁସାରେ ଏହି ପୁଅର ମୃତ୍ୟୁ ସମୟରେ ବହୁତ ଖୁସି ମନାଇଲେ । ସେ ସମୟରେ ଖୁଦାତାଲା ମୋତେ ସୁସମାଚାର ଦେଇଥିଲେ ଯେ ଏହା ପ୍ରତି ବଦଳରେ ଖୁବ୍ ଶିଘ୍ର ଗୋଟିଏ ପୁତ୍ର ଜନ୍ମ ହେବ, ଯାହାର ନାମ ମେହ୍‌ମୁଦ୍ ହେବ ଏବଂ ତା ନାମଟି ଗୋଟିଏ କାନ୍ଥରେ ଲେଖାହୋଇଥିବାର ମୋତେ ଦେଖାଇ ଦିଆଗଲା । ଉପରାନ୍ତ ମୁଁ ଗୋଟିଏ ସବୁଜ ରଙ୍ଗର ଇସ୍ତେହାରରେ ହଜାର ହଜାର ସପକ୍ଷବାଦୀ ଓ ବିରୋଧି ବ୍ୟକ୍ତିଙ୍କ ସମ୍ମୁଖରେ ଏହି ପେଶ୍‌ଗୋଇ ଛପାଇ ପ୍ରକାଶ କରାଇଲି ଓ ପୁତ୍ରର ମୃତ୍ୟୁକୁ ୭୦ ଦିନ ବିତିନଥିଲା ଯେ ଏହି (ପ୍ରତିଶ୍ରୁତ) ପୁତ୍ର ଜନ୍ମ ହୋଇଗଲା ଓ ତାର ନାମ ମେହ୍‌ମୁଦ୍ ଅହେମଦ୍ ରଖାଯାଇଅଛି ।

**୩୫-ପଂଚତିରିଶିତମ ନିଦର୍ଶନ**-ପ୍ରଥମ ପୁତ୍ର ମେହ୍‌ମୁଦ୍ ଅହେମଦ୍ ଜନ୍ମ ହେବା ପରେ ମୋ ଘରେ ଆଉ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେବ ବୋଲି ଖୁଦା ମୋତେ ସୁସମାଚାର ଦେଲେ । ତେଣୁ ତାର ଇସ୍ତେହାର୍ ମଧ୍ୟ ଲୋକମାନଙ୍କ ମଧ୍ୟରେ ଛପାଇ ପ୍ରକାଶ କରିଦିଆଗଲା । ସୁତରାଂ ଦ୍ୱିତୀୟ ପୁତ୍ର ଜନ୍ମ ହେଲା ଏବଂ ତାର ବଶିର୍ ଅହେମଦ୍ ରଖାଗଲା ।

**୩୬-ଛତିଶିତମ ନିଦର୍ଶନ**-ବଶିର୍ ଅହେମଦ୍‌ଙ୍କ ପରେ ଆଉ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେବାର ଖୁଦା ମୋତେ ସୁ ସମାଚାର ଦେଲେ । ସୁତରାଂ ସେହି ସୁସମାଚାର ମଧ୍ୟ ଇସ୍ତେହାର ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ପ୍ରକାଶ କରାଗଲା । ତତ୍ପରେ ତୃତୀୟ ପୁତ୍ର ଜନ୍ମ ହେଲା ଓ ତାର ନାମ ଶରିଫ୍ ଅହେମଦ୍ ରଖାଗଲା ।

**୩୭-ଶତତିରିଶିତମ ନିଦର୍ଶନ**- ଏହାପରେ ଖୁଦାତାଲା (ମୋ ସ୍ତ୍ରୀ) ଗର୍ଭବତୀ ଥିବା ସମୟରେ ଗୋଟିଏ ଝିଅର ସୁସମାଚାର ଖୁଦାତାଲା ଦେଲେ ଏବଂ ସେ ଝିଅ ବାବଦରେ କହିଲେ ତୁନଶ୍‌ଶଉ ଫିଲ୍ ହିଲିୟତି ଅର୍ଥାତ୍-ସେ ଗହଣାରେ ପରିପୂର୍ଣ୍ଣ ହୋଇ ବଢ଼ିବ । ଅର୍ଥାତ୍-ନାଁ ତ ସେ ଛୋଟ ବୟସରେ ମରିବ ଓ ନାଁ ସେ କୌଣସି ପ୍ରକାର ଅଭାବର ସମ୍ମୁଖିନ ହେବ । ସୁତରାଂ ଏହାପରେ ଝିଅ ଜନ୍ମ ହେଲା ଯାହାର ନାମ ମୁବାରକା ବେଗମ୍ ରଖାଗଲା । ଓ ତା ଜନ୍ମର ସାତ ଦିନ ପରେ ଅକିକା ଦିନ ଏ ଖବର ମିଳିଲା ଯେ ପଣ୍ଡିତ ଲେଖରାମ ପେଶ୍‌ଗୋଇ ଅନୁସାରେ ଜଣକ ଦ୍ୱାରା ହତ୍ୟା ହୋଇଛି । ତେବେ ଗୋଟିଏ ସମୟରେ ଦୁଇଟି ନିଦର୍ଶନ ପୁରଣ ହେଲା ।

**୩୮-ଅଠତିରିଶିତମ ନିଦର୍ଶନ**-ଏହା ଯେ ଝିଅ ପରେ ମୋତେ ଆଉ ଗୋଟିଏ ପୁତ୍ର ସନ୍ତାନର ସୁସମାଚାର ଦିଆଗଲା । ସୁତରାଂ ସେହି ସୁସମାଚାରଟି ପୁରୁଣା ପ୍ରଥା ଅନୁସାରେ ଛପାଇ ପ୍ରକାଶ କରାଗଲା । ତେଣୁ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହେଲା । ତାର ନାମ ମୁବାରକ୍ ଅହେମଦ୍ ରଖାଗଲା ।

**୩୯-ଅଣଚାଳିଶିତମ ନିଦର୍ଶନ**- ମୋତେ ଓ୍ୱହି ଏଲାହି (ସ୍ୱର୍ଗବାଣୀ) ଦ୍ୱାରା ବତାଇ ଦିଆଗଲା ଯେ ଆଉ ଗୋଟିଏ ଝିଅ ଜନ୍ମ ହେବ କିନ୍ତୁ ସେ ମରିଯିବ । ସୁତରାଂ ସେହି ଏଲ୍‌ହାମ୍‌ଟି ସମୟ ପୂର୍ବରୁ ବହୁତ ଲୋକଙ୍କୁ ଜଣାଇ ଦିଆଗଲା । ତା ପରେ ଝିଅଟି ଜନ୍ମ ହେଲା ଏବଂ କିଛି ମାସ ପରେ ତାର ମୃତ୍ୟୁ ହେଲା ।

**୪୦-ଚାଳିଶିତମ ନିଦର୍ଶନ**-ସେହି ଝିଅ ପରେ ଆଉ ଗୋଟିଏ ଝିଅର ସୁସମାଚାର ଦିଆଗଲା ଯାହାର ଶବ୍ଦ ଗୁଡିକ ଏପରି ଥିଲା-ଦୁଖ୍‌ତେ କରାମ୍ । ସୁତରାଂ ସେହି ଏଲ୍‌ହାମ୍‌ଟି ଅଲ୍‌ହକମ୍ ଏବଂ ଅଲ୍‌ବଦର୍ ଖବର କାଗଜରେ ଏବଂ ବୋଧ୍ ହୁଏ ଦୁଇଟି ମଧ୍ୟରୁ ଗୋଟିକରେ ଛପାଇ ପ୍ରକାଶ କରାଗଲା । ପୁଣି ତା ପରେ ଝିଅ ଜନ୍ମ ହେଲା ଯାହାର ନାମ ଅମତୁଲ୍ ହଫିଜ୍ ରଖାଗଲା । ସେ ବର୍ତ୍ତମାନ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ।

**(ହକିକତୁଲ୍ ଓ୍ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୨୨୬-୨୨୮)**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ଇନ୍‌ଫାକ୍ ଫି ସବିଲିଲ୍ଲାଃ

### (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

**ମୌଲାନା ଅତାଉଲ୍ ମୁଜିବ୍ ରାଶିଦ୍ (ଇମାମ୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍)**

**ଭାଗ - ୨**

ଆମ ରହେମାନ୍ ଓ ରହିମ୍ ଖୁଦାଙ୍କର ଆମ ଉପରେ କେତେ ଅନୁଗ୍ରହ ଯେ ସେ ଆମକୁ ଜନ୍ମ ଦେଲେ, ଜୀବନ ଦେଲେ ପୁଣି ସେ ଆମକୁ ଧନ ଅର୍ଜନ ପାଇଁ ଶକ୍ତି ପ୍ରଦାନ କଲେ । ଏବଂ ଯେତେବେଳେ ତା ଦୟାରୁ ଏବଂ ତା କୃପାରୁ କିଛି ଉପାର୍ଜନ ହେଲା ସେଇଥିରୁ ହିଁ ଗୋଟିଏ ଭାଗ ତା ପାଇଁ ଦିଆଗଲା । ତେଣୁ ସେହି କରୁଣାମୟ ଖୁଦା ଏଥିଯୋଗୁ ଏତେ ଖୁସି ହୁଏ ଯେ ଯନତ୍‌ର ସୁସମାଚାର ପ୍ରଦାନ କରୁଅଛି । ନିଶ୍ଚିତ ରୂପେ ଜଣେ ମୋମିନ୍ ଭକ୍ତଙ୍କ ନିମନ୍ତେ ଏହାଠାରୁ ବଳି ଆଉକିଛି ବଡ଼ ଜିନିଷ ନାହିଁ, ଯାହାକୁ ଫଉଜେ ଅଜିମ୍ କୁହାଯାଇପାରିବ ।

ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଏବଂ ଏହି ଉତ୍ତମ କାର୍ଯ୍ୟ ନିମନ୍ତେ ଆଳସ୍ୟତାରୁ ବଂଚିବା ପାଇଁ ତାଗିଦ୍ କରି ଅଲ୍ଲାଃତାଲା କହୁଛନ୍ତି ୟା ଅୟୋହଲ୍ ଲଜିନା ଆମନୁ...ହୁମୁଜ୍ ଜାଲିମୁନ୍ । (ସୁରା ବକରା, ଆୟତ ନଂ-୨୫୬) ଅର୍ଥାତ୍- ହେ ବିଶ୍ୱାସକାରୀମାନେ ! ସେ ଦିନ ଆସିବା ପୂର୍ବରୁ ଯାହା କିଛି ଆମେ ଦେଇଅଛୁ ସେଥିରୁ ଖର୍ଚ୍ଚ କର । ଯେଉଁ ଦିନ ନା କୌଣସି ବ୍ୟବସାୟ, ବନ୍ଧୁ ଓ ନା କୌଣସି ସୁପାରିସ କାମ ଦେବ । ଏବଂ ଅମାନ୍ୟକାରୀମାନେ ହିଁ ଜୁଲମ୍ କରନ୍ତି ।

ଏଠାରେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ ନକରୁଥିବା ବ୍ୟକ୍ତିଙ୍କୁ ଅଲ୍ଲାଃତାଲା ଜାଲିମ୍ (ଅତ୍ୟାଚାରୀ) ବୋଲି ବିବେଚିତ କରିଛନ୍ତି । ଏଣୁ ବାସ୍ତବ ଏହା ଅଟେ ଯେ ପରକାଳରେ ମିଳିବାକୁ ଥିବା ମହାନ ସଫଳତାର ମୁକାବିଲାରେ ଏ ସଂସାରର ଅସ୍ଥାୟୀ ଖୁସି ଏବଂ ଆରାମ୍‌କୁ ଯିଏ ଅଗ୍ରାଧିକାର ଦିଏ ସେ ଅତ୍ୟନ୍ତ ଅତ୍ୟାଚାରୀ ନୁହେଁ ତ ଆଉ କଣ ।

**ଆହାଦିସେ ନବଓ୍ୱି**

ପବିତ୍ର କୋରାନ୍‌ର କିଛି ଆୟତରୁ ଲାଭ ଉଠାଇବା ପରେ ଏବେ ଆମେ ଆମର ପ୍ରିୟ ଆକା ହଜରତ୍ ଖାତମୁଲ୍ ଅମ୍ବେୟା ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଦ୍ୱାରା ବର୍ଣ୍ଣିତ କିଛି କଥନରୁ ମାର୍ଗ ଦର୍ଶନ ପାଇପାରିବା ଆପଣ ସ:ଆ:ସ ଏପରି ଉମ୍ମି ନବୀ ଥିଲେ ଯେ ଆପଣ କୌଣସି ମନୁଷ୍ୟ ଠାରୁ ଜ୍ଞାନ ଆହରଣ କରିନଥିଲେ । ସର୍ବଜ୍ଞାନୀ ଓ ସର୍ବଜ୍ଞ ଖୁଦା ନିଜେ ହିଁ ଆପଣଙ୍କର ଶିକ୍ଷକ ଥିଲେ । ସେହି ସର୍ବଜ୍ଞ ଖୁଦା ହିଁ ଆପଣଙ୍କୁ ଜ୍ଞାନ ଓ ବୁଦ୍ଧି ଶିଖାଇଥିଲେ ଯେ ଆପଣ ସ:ଆ:ସ ସମଗ୍ର ସଂସାର ପାଇଁ ମାର୍ଗଦର୍ଶକ ହୋଇଗଲେ । ମାଲି କୁର୍‌ବାନି (ଧନ ତ୍ୟାଗ) ବିଷୟରେ ମଧ୍ୟ ଆପଣ ସ:ଆ:ସ ନିଜ ଉମ୍ମତ୍‌ର ଅନୁପମ ମାର୍ଗ ଦର୍ଶନ କରିଛନ୍ତି । କିଛି ଦୃଷ୍ଟାନ୍ତ ନମୁନା ସଦୃଶ ଉପସ୍ଥାପନ କରାଯାଉଛି । ଏହାର ଗୋଟିଏ ଗୋଟିଏ ଶବ୍ଦକୁ ପଢ଼ିବା ଓ ମନେରଖିବା ଉଚିତ୍ ।

ଗୋଟିଏ ହଦିସ୍ କୁଦ୍‌ସିରେ ଲେଖା ହୋଇଛି ଯେ ''ହେ ଆଦମର ସନ୍ତାନ ! ତୁମେ ମନ ଖୋଲି ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କର । ଫଳତଃ ଅଲ୍ଲାଃତାଲା ମଧ୍ୟ ତୁମ ଉପରେ ଖର୍ଚ୍ଚ କରିବେ'' । (ମୁସ୍‌ଲିମ୍ କିତାବୁଲ୍ ଯକାତ୍ ହଦିସ୍ ନଂ-୨୩୦୮)

ପୁଣି କହିଲେ ''ସେହି ବ୍ୟକ୍ତି ପ୍ରତି ଇର୍ଷା ହେବା ଉଚିତ୍, ଯାହାକୁ ଅଲ୍ଲାଃତାଲା ଧନ ପ୍ରଦାନ କରିଛନ୍ତି ଓ ସେ ସେହି ଧନକୁ ଉପଯୁକ୍ତ ସ୍ଥାନରେ ଖର୍ଚ୍ଚ କରିବା ପାଇଁ ଶକ୍ତି ଓ ସାହାସ ଦେଇଛନ୍ତି'' । (ବୁଖାରି କିତାବୁଲ୍ ଯକାତ୍)

କହିଲେ ''ଯାହାଙ୍କ ପାଖରେ ଅଧିକ ଧନ ସମ୍ପତି ଅଛି ସେ ପ୍ରକୃତରେ ଧନୀ ନୁହନ୍ତି ବରଂ ପ୍ରକୃତ ଧନୀ ସେ ଯିଏ ହୃଦୟର ଧନୀ ଅଟେ ଅର୍ଥାତ୍ ଖୁଦାତାଲାଙ୍କ ମାର୍ଗରେ ମନଖୋଲି ଖର୍ଚ୍ଚ କରୁଥିବ'' । (ତିରିମିଜି ଅବୁଓ୍ୱାବୁଲ୍ ଜୁହଦ୍)

କହିଲେ ''ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ରାସ୍ତାରେ କିଛି ଖର୍ଚ୍ଚ କରିଥାଏ ତା ବଦଳରେ ତାକୁ ସାତ ଶହ ଗୁଣା ସଓ୍ୱାବ୍ (ପୁଣ୍ୟ) ମିଳିଥାଏ'' । (ତିରିମିଜି)

କହିଲେ ''ପୁଣ୍ୟର ସମସ୍ତ ମାର୍ଗମାନଙ୍କ ମଧ୍ୟରୁ ସର୍ବୋତମ ମାର୍ଗ ହେଉଛି ସଦ୍‌କା ଓ ଖୈରାତ୍ (ଦାନ ଓ ପୁଣ୍ୟ କାର୍ଯ୍ୟ) କରିବା'' । (ଅଲ୍‌ମାଜମାଲ୍ କବୀର୍ ଲିଲ୍ ତିବିରାନି ହଦିସ୍ ନଂ-୧୨୬୬୩, କନଜୁଲ୍ ଆମାଲ୍ ହଦିସ୍ ନଂ-୧୬୦୧୫)

କହିଲେ ''ପ୍ରତ୍ୟେକ ଦିନ ପ୍ରତ୍ୟୁଷରେ ଦୁଇଜଣ ଫିରସ୍ତା ଅବତୀର୍ଣ୍ଣ ହୁଅନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହେ ହେ ଅଲ୍ଲାଃ ! ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ଉତମ ଫଳ ପ୍ରଦାନ କରନ୍ତୁ । ଏବଂ ସେହିପରି ବ୍ୟକ୍ତି ଆହୁରି ସୃଷ୍ଟି କର । ଦ୍ୱିତୀୟ ଜଣକ କହୁଥାଏ ହେ ଅଲ୍ଲାଃ ! ଧନ ସମ୍ପତିକୁ ରୋକି କରି ରଖୁଥିବା ବ୍ୟକ୍ତିଙ୍କ ନିମନ୍ତେ ହଲାକତ୍ ଓ ବରବାଦୀ (ବିନାଶ) ଧାର୍ଯ୍ୟ କରିଦିଅ'' । (ବୁଖାରି କିତାବୁଲ୍ ଯକାତ୍....)

(ଯେଉଁ ଲୋକମାନେ ନେକ୍ ଏବଂ ସ୍ୱାଲେହ (ପୁଣ୍ୟବାନ୍) ସନ୍ତାନରୁ ବଂଚିତ ଅଛନ୍ତି ସେମାନଙ୍କ ପାଇଁ ଏ ହଦିସ୍‌ରେ ଗୋଟିଏ ମହାନ୍ ଉପଦେଶ ଦିଆଯାଇଛି । ''ଆଏ ଆଜ୍‌ମାନେ ଓ୍ୱାଲେ ଯେ ନୁସ୍‌ଖାଭି ଆଜ୍‌ମା'' ଅର୍ଥାତ୍ ପରୀକ୍ଷା କରିବାକୁ ଚାହୁଁଥିବା ଲୋକେ ପରୀକ୍ଷା କରି ଦେଖି ନିଅନ୍ତୁ । କ୍ରମଶଃ.....

# ଖୁତ୍‌ବା ଜୁମା

★ହଜରତ ମସିହ ମଉଦ ଆ.ସ ନିଜ ପୁସ୍ତକ କିଶ୍‌ତି ନୁହ୍‌ରେ ଲେଖିଛନ୍ତି ଅଲ୍ଲାଃତାଲା ଚାହୁଁଛନ୍ତି କି ତୁମେ ନିଜ ଭିତରେ ଏକ ପୂର୍ଣ୍ଣ ବିପ୍ଳବ ଆଣ । ସେ ତୁମଠାରୁ ଏକ ମୃତ୍ୟୁ କାମନା କରୁଛନ୍ତି ଯାହାପରେ ସେ ତୁମକୁ ଜୀବନ୍ତ କରିବେ । ଆପଣ କୁହନ୍ତି ତୁମେ ପରସ୍ପର ସହ ଶିଘ୍ର ସନ୍ଧି କର ଓ ନିଜ ଭାଇର ଦୋଷ କ୍ଷମା କର କାରଣ ଦୁଷ୍ଟ ଅଟେ ସେ ଯେ ନିଜ ଭାଇ ସହ ସନ୍ଧି କରିବାକୁ ପ୍ରସ୍ତୁତ ହୋଇନଥାଏ ।

★ହଜୁର ଅନଓ୍ଵର ଅ.ବ କହିଲେ- ଗତ ସପ୍ତାହରେ ମୁଁ କଜା(ଇସଲାମୀ ନ୍ୟାୟାଳୟ) ଓ ପାରସ୍ପରିକ ଝଗଡ଼ା ଯୋଗୁଁ ମକଦ୍ଦମାର ଦ୍ଵାରସ୍ଥ ହେବା ସମ୍ବନ୍ଧରେ କିଛି କଥା କହିଥିଲି । ହଜରତ ମସିହ ମଉଦ ଆ.ସଙ୍କ ଏହି ଶବ୍ଦ ଯାହାକି ଆପଣ ନିଜ ଶିକ୍ଷାରେ ସାମିଲ କରିଛନ୍ତି, ଆପଣ ନିଜ ମାନ୍ୟକାରୀଙ୍କଠାରୁ ଏହି ଆଶା ବାନ୍ଧିଛନ୍ତି ଏବଂ ସେମାନଙ୍କ ପାଇଁ ଅନ୍ତର ହୃଦୟରେ ଦରଦ ଅନୁଭବ କରୁଥିବାର ପ୍ରକାଶ କରିଛନ୍ତି ।

★ହଜୁର ଅନଓ୍ଵର ଅ.ବ କହିଲେ- ସୁତରାଂ ପ୍ରତ୍ୟେକ ମୁହୂର୍ତ୍ତରେ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ଆଜିର ଯୁଗରେ ପ୍ରତ୍ୟେକ ସ୍ଥାନରେ ବିଭ୍ରାଟ ଓ ବିଶୃଙ୍ଖଳାର ବଜାର ଗରମ ରହିଛି କିନ୍ତୁ ଆମେ ଯେ କି ହଜରତ ମସିହ ମଉଦ ଆ.ସଙ୍କ ବୟତ କରି ତାଙ୍କ ଘରର ଚାରି କାନ୍ଥ ମଧ୍ୟରେ ରହି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଛେ କି ସେ ଆମକୁ ଏହି ବିଭ୍ରାଟ ଓ ବିଶୃଙ୍ଖଳାରୁ ସୁରକ୍ଷିତ ରଖିଛନ୍ତି ।

★ହଜୁର ଅନଓ୍ଵର ଅ.ବ କହିଲେ- ସହାନୁଭୂତି ଓ ସନ୍ଧି ଏପରି ଆଚରଣ ଅଟେ ଯାହାକୁ ଆପଣାଇବାକୁ ଆମକୁ ହଜରତ ମସିହ ମଉଦ ଆ.ସ ବାରମ୍ବାର ଉପଦେଶ ଦେଇଛନ୍ତି । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ଏଥିପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବା ଉଚିତ୍ । ହଦିସରେ ଦରଜ ଅଛି **ହଜରତ ମହମ୍ମଦ ସ.ଆ କୁହନ୍ତି ବଳବାନ ସେ ନୁହେଁ ଯେ ଅନ୍ୟକୁ କଚାଡ଼ି ତଳେ ପକାଇ ଦିଏ ବରଂ ପ୍ରକୃତ ବଳବାନ ସେ ଯେ କ୍ରୋଧ ସମୟରେ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରେ ।**

★ହଜରତ ମସିହ ମଉଦ ଆ.ସ କୁହନ୍ତି- *ଆମ ଜମାଅତ ପାଇଁ ବଳବାନ ଓ ଶକ୍ତିଶାଳୀ ଲୋକଙ୍କ ଆବଶ୍ୟକତା ନାହିଁ ବରଂ ଏଭଳି ସାମର୍ଥ୍ୟ ରଖୁଥିବା ଲୋକଙ୍କ ଆବଶ୍ୟକତା ରହିଛି ଯେ ନିଜର ଚରିତ୍ରରେ (ଉତମ) ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବେ ।*

★ଏକଦା ହଜରତ ମସିହ ମଉଦ ଆ.ସ କହିଲେ- ମୁଁ ମନେକରୁଅଛି କି ପ୍ରତ୍ୟେକ ବ୍ୟକ୍ତି ଯେ ମନ୍ଦ ପ୍ରବୃତିକୁ ବର୍ଜନ କରି ଉତମ ଚରିତ୍ରକୁ ଆପଣାଇଥାଏ ତାହା ଉକ୍ତ ବ୍ୟକ୍ତି ନିମନ୍ତେ ଚମତ୍କାର ଅଟେ । ହଜୁର ଅନଓ୍ଵର ଅ.ବ କହିଲେ- ଉତମ ଚରିତ୍ର ହାସଲ କରିବା ପ୍ରତ୍ୟେକଙ୍କ ପାଇଁ ଚମତ୍କାର ଅଟେ ।

★ଯଦି ମଣିଷ ନିଜ ଭିତରେ ସ୍ୱାର୍ଥପରାୟଣତା ଓ କାମନାର ବଶଃବର୍ତୀ ହେବାର କୀଟକୁ କାଢି ଫିଙ୍ଗିନଦିଏ ତେବେ ଏକେଶ୍ୱରବାଦ ଉପରେ ମଧ ତାହାର ଆସ୍ଥା ଆସିନଥାଏ । ଏହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ଅସଲ କଥା ହେଲା ଅଲ୍ଲାଃତାଲାଙ୍କ କୃପା ବ୍ୟତୀତ ସେହି କୀଟ ମଣିଷ ଭିତରୁ ବାହାରି ନଥାଏ । ସୁତରାଂ ଅଲ୍ଲାଃଙ୍କ କୃପା ଲାଭ କରିବାକୁ ଚେଷ୍ଟା କରିବା ଉଚିତ୍ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହି ଜମାଅତ ସ୍ଥାପନ କରିବାରେ ଉଦ୍ଦେଶ୍ୟ (ତୁମ) ଜିଭ, କାନ, ଅଖି ଓ ପ୍ରତ୍ୟେକ ଅଙ୍ଗରେ ଈଶ୍ୱର ଭୟ ପ୍ରବେଶ କରିଯିବା ଅଟେ । ଈଶ୍ୱର ଭୟର ପ୍ରକାଶ ମଣିଷର ବାହ୍ୟ ଓ ଆଭ୍ୟନ୍ତରରେ ବିରାଜିତ ରହି ଉତମ ଚରିତ୍ରର ନମୁନା ପ୍ରଦର୍ଶନ କରିବା ସହିତ ଅଯଥା କ୍ରୋଧ ଓ ଉତ୍ୟକ୍ତ ହେବା ଯେପରି ଦୃଶ୍ୟମାନ ହେଉନଥିବ ।

★ହଜୁର ଆ.ସ ଗୋଟିଏ ସ୍ଥାନରେ ଉପଦେଶ ପୂର୍ବକ କହିଛନ୍ତି- ଯଦି (ତୁମେ) ମୋ ସହ ସମ୍ପର୍କ ଯୋଡ଼ିଛ ଓ ମୋ ସୈନ୍ୟମାନଙ୍କ ମଧ୍ୟରେ ସାମିଲ ହେବାର ଘୋଷଣା କରୁଛ ତେବେ ତୁମକୁ ଉତମ ଚରିତ୍ର ଆପଣାଇବାକୁ ହେବ ଏବଂ ବିଭ୍ରାଟରୁ ନିବୃତ ରହିବାକୁ ହେବ । ଆପଣ ନିଜ ମାନ୍ୟକାରୀମାନଙ୍କୁ କହିଲେ ତୁମେମାନେ ନିଜ ହୃଦୟ ପବିତ୍ର କର, ମାନବିକତା (ଗୁଣ)ରେ ଉନ୍ନତି କର, ଦୁଃଖିଜନଙ୍କ ସହ ସହାନୁଭୂତି ପ୍ରଦର୍ଶନ କର, ଭୂପୃଷ୍ଠରେ ସନ୍ଧିକୁ ବିସ୍ତାର କର ଏସବୁ ଦ୍ୱାରା ହିଁ ଧର୍ମ ପ୍ରସାର ଲାଭ କରିବ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ (ତୁମମାନଙ୍କୁ) ଉପଦେଶ ଦେଉଛି କି ମନ୍ଦ କର୍ମରୁ ନିବୃତ ରୁହ । ମାନବ ଜାତି ସହିତ ସହାନୁଭୂତି ପ୍ରଦର୍ଶନ କର । ନିଜ ହୃଦୟକୁ ଦ୍ୱେଷ ଓ ମନ୍ଦ ଚିନ୍ତାରୁ ପବିତ୍ର କର, ଏପରି ଅଭ୍ୟାସ ଦ୍ୱାରା ତୁମେ ଦେବଦୂତମାନଙ୍କ ପରି ହୋଇଯିବ । କିଭଳି ଅପବିତ୍ର ଓ ଦୂଷିତ ଅଟେ ସେହି ଧର୍ମ ଯେଉଁଥିରେ ମାନବ ଜାତି ପ୍ରତି ସହାନୁଭୂତିର ଶିକ୍ଷା ନାହିଁ ଏବଂ କିଭଳି ଅପବିତ୍ର ଅଟେ ସେହି ମାର୍ଗ ଯାହକି ଅନ୍ତରର ଦ୍ୱେଷ ରୂପକ କଣ୍ଟାରେ ପରିପୂର୍ଣ୍ଣ ରହିଛି ।

★ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ହଜୁର ଆ.ସଙ୍କ ଶିକ୍ଷା ମୁତାବକ ଅମଳ କରି ମାନବ ଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା, ସନ୍ଧିର ଭିତି ସ୍ଥାପନ କରିବା, ଏକେଶ୍ୱରବାଦର ପ୍ରକୃତ ଭାବାର୍ଥ ବୁଝିବାରେ ସକ୍ଷମ ହେବା ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]

## (ପ୍ରଦତ୍ତ: ୧୮ ଅଗଷ୍ଟ ୨୦୧୭ ଅନୁଯାୟୀ ୧୮ ଜହୁର୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ ـ

اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ଵର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ନିଜ ପୁସ୍ତକ କିଶ୍‌ତି ନୁହ୍‌ରେ ଲେଖିଛନ୍ତି ଅଲ୍ଲାଃତାଲା ଚାହୁଁଛନ୍ତି କି ତୁମେ ନିଜ ଭିତରେ ଏକ ପୂର୍ଣ୍ଣ ବିପ୍ଳବ ଆଣ । ସେ ତୁମଠାରୁ ଏକ ମୃତ୍ୟୁ କାମନା କରୁଛନ୍ତି ଯାହାପରେ ସେ ତୁମକୁ ଜୀବନ୍ତ କରିବେ । ଆପଣ କୁହନ୍ତି ତୁମେ ପରସ୍ପର ସହ ଶିଘ୍ର ସନ୍ଧି କର ଓ ନିଜ ଭାଇର ଦୋଷ କ୍ଷମା କର କାରଣ ଦୁଷ୍ଟ ଅଟେ ସେ ଯେ ନିଜ ଭାଇ ସହ ସନ୍ଧି କରିବାକୁ ପ୍ରସ୍ତୁତ ହୋଇନଥାଏ । ସେ କଟାଯିବ କାରଣ ସେ ବିଭ୍ରାଟ ସୃଷ୍ଟିକାରୀ ଅଟେ । ଆପଣ ଆହୁରି କୁହନ୍ତି ତୁମେ ପ୍ରତ୍ୟେକ ଦିଗରୁ ନିଜର

ସ୍ୱାର୍ଥ ଓ କାମନା ପୂରଣରେ ବଶଃବର୍ତୀ ହେବା ବର୍ଜନ କରବା ସହିତ ପାରସ୍ପରିକ ରାଗରୁଷା ଦୂର କର । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ନତମସ୍ତକ ରୁହ ଯଦ୍ୱାରା ତୁମକୁ କ୍ଷମା ଦିଆଯିବ । ଦେଖ କାମାନା ପୂରଣର ବଶଃବର୍ତୀ ହେବା ତ୍ୟାଗ କର କାରଣ ଯେଉଁ ଦ୍ୱାରକୁ ତୁମକୁ ଡ଼କା ଯାଉଛି ତାହା ମଧ୍ୟରେ ଜଣେ ମନ୍ଦ ବ୍ୟକ୍ତି (କଦାପି) ପ୍ରବେଶ କରିପାରିବ ନାହିଁ । ତୁମମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ମହାନ ସେ ଯେ ନିଜ ଭାଇର ଦୋଷ କ୍ଷମା କରିଥାଏ । ଏହି ପଙ୍କ୍ତିଂଟିକୁ ଆମେ ବିଭିନ୍ନ ଭାଷଣ ଓ ଦରସ୍‌ରେ ଜମାଅତର ସଦସ୍ୟମାନଙ୍କ ନିକଟରେ ଉପସ୍ଥାପନ କରିଥାଉ । ସତ୍ୟବାଦୀ ହୋଇ ମିଥ୍ୟାବାଦୀଙ୍କ ପରି ନତମସ୍ତକ ରହିବା ଏପରି ଅଟେ ଯାହାର ପ୍ରମାଣ ଅଧିକାଂଶ ଅହେମଦି ଉପସ୍ଥାପନ କରିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଗତ ସପ୍ତାହରେ ମୁଁ କଜା(ଇସଲାମୀ ନ୍ୟାୟାଳୟ) ଓ ପାରସ୍ପରିକ ଝଗଡ଼ା ଯୋଗୁଁ ମକଦ୍ଦମାର ଦ୍ୱାରସ୍ଥ ହେବା ସମ୍ବନ୍ଧରେ କିଛି କଥା କହିଥିଲି । ହଜରତ ମସିହ ମଉଦ ଆ.ସଙ୍କ ଏହି ଶବ୍ଦ ଯାହାକି ଆପଣ ନିଜ ଶିକ୍ଷାରେ ସାମିଲ କରିଛନ୍ତି, ଆପଣ ନିଜ ମାନ୍ୟକାରୀଙ୍କଠାରୁ ଏହି ଆଶା ବାନ୍ଧିଛନ୍ତି ଏବଂ ସେମାନଙ୍କ ପାଇଁ ଅନ୍ତର ହୃଦୟରେ ଦରଦ ଅନୁଭବ କରୁଥିବାର ପ୍ରକାଶ କରିଛନ୍ତି । ଯେତେବେଳେ ଜଣେ କିଶ୍‌ତି ନୁହ୍‌ର ତାଲିମ୍ (ଶିକ୍ଷା) ଭାଗଟି ପୂର୍ଣ୍ଣରୂପେ ପାଠ କରିଥାଏ ସେ ଆନ୍ଦୋଳିତ ହୋଇଉଠିଥାଏ । ତଥାପି ଆମମାନଙ୍କ ମଧ୍ୟରୁ କିଛି ଲୋକ ଏପରି ଅଛନ୍ତି ଯେ, କ୍ଷମା ଦେବା ଓ ସନ୍ଧି ପାଇଁ ଉଠୁଥିବା ହାତର ଖାତିର୍ କରିନଥାନ୍ତି । ହଜରତ ମସିହ ମଉଦ ଆ.ସ କହିଛନ୍ତି ସେ କଟାଯିବ, ଆଗକୁ ଆପଣ କହିଛନ୍ତି ମନ୍ଦ ଅଟେ ସେ ଯେ ଜିଦ୍‌ଖୋର ସ୍ୱଭାବି ଅଟେ ଏବଂ କାହରିକୁ କ୍ଷମା ଦେଇନଥାଏ । ସୁତରାଂ ଯେ ଜିଦ୍‌ଖୋର ସେମାନଙ୍କୁ ଆପଣ ବହୁତ ବଡ଼ ଚେତାବନୀ ଦେଇଛନ୍ତି, ଏଥିସମ୍ବନ୍ଧରେ ସେମାନଙ୍କୁ ଚିନ୍ତା କରିବା ଉଚିତ୍ । ଗୋଟିଏ ପାର୍ଶ୍ୱରେ ସେମାନେ ହଜରତ ମସିହ ମଉଦ ଆ.ସଙ୍କ ବୟତ କରି ଏହି ପ୍ରତିଜ୍ଞା କରିଥାନ୍ତି କି ଆମେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରିବୁ ନାହୁଁ, ଶାରୀରିକ ଉତେଜନାରୁ ନିବୃତ ରହିବୁ କିନ୍ତୁ ଅନ୍ୟପାର୍ଶ୍ୱରେ ସନ୍ଧି କରିବାକୁ ରାଜି ହୋଇନଥାନ୍ତି । ତେବେ କ'ଣ ଏମାନେ ବୟତର ପ୍ରତିଜ୍ଞା ପୂରଣ ନକରି ସେଥିରୁ ଦୂରେଇଯାଉ ନାହାନ୍ତି । ଆପଣ ଏକଦା କହିଲେ ଆମ ଜମାଅତର ଲୋକମାନଙ୍କୁ କେବଳ କଥାରେ ଓ ଶବ୍ଦ ମଧ୍ୟରେ ସୀମିତ ରହିଯିବା ଉଚିତ୍ ନୁହେଁ ।

**ଆପଣ ବେଶ୍ ସ୍ପଷ୍ଟ ରୂପେ କହିଛନ୍ତି କି ବୟତର ପ୍ରତିଜ୍ଞା ପୂରଣ ନକରିବାଯାଏ ଅଲ୍ଲାଃଙ୍କୁ ରାଜି କରିବା ସମ୍ଭବ ନୁହେଁ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ଭକ୍ତଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କରିବା ଏବଂ ସନ୍ଧି ତଥା ମିମାଂସା ଜରୁରୀ ଅଟେ** । ଆପଣ ନିଜ ଅବସ୍ଥାର ନକ୍ସା ଟାଣି ତଥା ନିଜ ଅସାଧାରଣ ସାହସ, ପୁଣି ଅନ୍ୟକୁ କ୍ଷମା କରିବା ଆଚରଣର ପରିପ୍ରକାଶ କରିକୁହନ୍ତି- ମୁଁ ଶପଥ କରି କହୁଛି ଯେ ଯଦି କେହି ମୋତେ ସହସ୍ର ଥର ଦଜ୍ଜାଲ୍ ଓ କଜ୍ଜାବ (ମିଥ୍ୟାବାଦୀ) କହି ମୋର ବିରୁଦ୍ଧାଚରଣର ସମସ୍ତ ପ୍ରକାର ଚେଷ୍ଟା କରିବା ପରେ ମଧ୍ୟ ମୋ ସହ ସନ୍ଧି କରିବା ପାଇଁ ପ୍ରସ୍ତୁତ ହୁଏ ତେବେ ମୋ ହୃଦୟରେ ତାହା ପ୍ରତି କଦାପି ଏହି ଭାବନା ଆସିନଥାଏ ଓ ଆସିପାରିବ ନାହିଁ କି ସେ ଏହା ପୂର୍ବରୁ ମୋତେ କ'ଣ କହିଥିଲା ଓ ମୋ ସହ କିଭଳି ବ୍ୟବହାର କରିଥିଲା । ପୁଣି ଆପଣ ଆମ୍ଭକୁ ଉପଦେଶ ପୂର୍ବକ କୁହନ୍ତି ମୋର ଦୁଇଟି କଥା ମନେରଖ **ପ୍ରଥମ** ଅଲ୍ଲାଃତାଲାଙ୍କୁ ଭୟ କର **ଦ୍ୱିତୀୟ** ନିଜ ଭାଇଙ୍କ ସହ ଏଭଳି ସହାନୁଭୂତି ପ୍ରଦର୍ଶନ କର ଯେପରି ନିଜ ସହ କରୁଅଛ । ଯଦି କାହାରି ଦ୍ୱାରା କୌଣସି ଭୁଲ କିମ୍ୱା ଅପକର୍ମ ହୁଏ ତେବେ ତାହାକୁ କ୍ଷମା ଦିଅ ନା କି ତାହା ସହ କଠୋର ଆଚରଣ କରି ଈର୍ଷାପରାୟଣତା ଅବଲମ୍ବନ କରିବା ଆରମ୍ଭ କରିଦିଅ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ପ୍ରତ୍ୟେକ ମୁହୁର୍ତରେ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ଆଜିର ଯୁଗରେ ପ୍ରତ୍ୟେକ ସ୍ଥାନରେ ବିଭ୍ରାଟ ଓ ବିଶୃଙ୍ଖଳାର ବଜାର ଗରମ ରହିଛି କିନ୍ତୁ ଆମେ ଯେ କି ହଜରତ ମସିହ ମଉଦ ଆ.ସଙ୍କ ବୟତ କରି ତାଙ୍କ ଘରର ଚାରି କାନ୍ଥ ମଧ୍ୟରେ ରହି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଛେ କି ସେ ଆମକୁ ଏହି ବିଭ୍ରାଟ ଓ ବିଶୃଙ୍ଖଳାରୁ ସୁରକ୍ଷିତ ରଖିଛନ୍ତି । ତେବେ ପ୍ରକୃତରେ ଆମ୍ଭେ ସେତେବେଳେ ଏସବୁରୁ ସୁରକ୍ଷିତ ରହିପାରିବା ଯେତେବେଳେ ପ୍ରତି ମୁହୁର୍ତରେ ଆମ ହୃଦୟରେ ଏହି ଭାବନା ରହିବ କି ଆମେ ଅନ୍ୟ ସହ ମାମଲା କଲାବେଳେ ନମ୍ର ଓ ସନ୍ଧିର ଭିତି ସ୍ଥାପନ କରିବା ନଚେତ୍ ଆମ କଥା କେବଳ କଥାରେ ସୀମିତ ରହିଯିବ ।

ହଜୁର ଅନଓ୍ୱର ଅ.ବ କହିଲେ- ସହାନୁଭୂତି ଓ ସନ୍ଧି ଏପରି ଆଚରଣ ଅଟେ ଯାହାକୁ ଆପଣାଇବାକୁ ଆମକୁ ହଜରତ ମସିହ ମଉଦ ଆ.ସ ବାରମ୍ୱାର ଉପଦେଶ ଦେଇଛନ୍ତି । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ଏଥିପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବା ଉଚିତ୍ । ହଦିସରେ ଦରଜ ଅଛି **ହଜରତ ମହମ୍ମଦ ସ.ଆ କୁହନ୍ତି ବଳବାନ ସେ ନୁହେଁ ଯେ ଅନ୍ୟକୁ କଚାଡ଼ି ତଳେ ପକାଇ ଦିଏ ବରଂ ପ୍ରକୃତ ବଳବାନ ସେ ଯେ କ୍ରୋଧ ସମୟରେ ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରେ** । ଅତଃ ଏହା ଜଣେ ମୋମିନ୍‌ର ସୁଗୁଣ କି ସେ ଏଭଳି ଉତମ ଓ ଶ୍ରେଷ୍ଠ ଆଚରଣ ପ୍ରଦର୍ଶନ କରିବା ସହିତ କ୍ରୋଧ ସମୟରେ ନିଜ ଉପରେ (ପୂର୍ଣ୍ଣ) Control ରଖିଥାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- *ଆମ ଜମାଅତ ପାଇଁ ବଳବାନ ଓ ଶକ୍ତିଶାଳୀ ଲୋକଙ୍କ ଆବଶ୍ୟକତା ନାହିଁ ବରଂ ଏଭଳି ସାମର୍ଥ୍ୟ ରଖୁଥିବା ଲୋକଙ୍କ ଆବଶ୍ୟକତା ରହିଛି ଯେ ନିଜର ଚରିତ୍ରରେ (ଉତମ) ପରିବର୍ତନ ଆଣିବାକୁ ଚେଷ୍ଟା କରୁଥିବେ* । ଏହା ସତ୍ୟସିଦ୍ଧ ଯେ ପ୍ରକୃତ ବୀର ଓ ଶକ୍ତିଶାଳୀ ସେ ନୁହେଁ ଯେ ପାହଡ଼କୁ ସ୍ଥାନଚ୍ୟୁତ କରିଦିଏ । ନା, ନା ପ୍ରକୃତ ବୀର ସେ ଯେ ନିଜ ଚରିତ୍ରରେ ସୁଧାର କରିବାରେ ସାମର୍ଥ୍ୟ ରଖିଥାଏ । ସୁତରାଂ ମନେରଖ ନିଜର ସମସ୍ତ ସାହାସ ଓ ଶକ୍ତି (ଉତମ) ଚରିତ୍ର ଗଠନ କରିବାରେ ବିନିଯୋଗ କର କାରଣ ଏହା ହିଁ ପ୍ରକୃତ ସାମର୍ଥ୍ୟ ଓ ବୀରତ୍ୱ । ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ଏହା ହିଁ ଆମର ଲକ୍ଷ ହେବା ଉଚିତ୍ ।

ଏକଦା ହଜରତ ମସିହ ମଉଦ ଆ.ସ କହିଲେ- ମୁଁ ମନେକରୁଅଛି କି ପ୍ରତ୍ୟେକ ବ୍ୟକ୍ତି ଯେ ମନ୍ଦ ପ୍ରବୃତିକୁ ବର୍ଜନ କରି ଉତମ ଚରିତ୍ରକୁ ଆପଣାଇଥାଏ ତାହା ଉକ୍ତ ବ୍ୟକ୍ତି ନିମନ୍ତେ ଚମତ୍କାର ଅଟେ । ହଜୁର ଅନଓ୍ୱର ଅ.ବ କହିଲେ- ଉତମ ଚରିତ୍ର ହାସଲ କରିବା ପ୍ରତ୍ୟେକଙ୍କ ପାଇଁ ଚମତ୍କାର ଅଟେ । ଲୋକେ ପ୍ରଶ୍ନ କରିଥାନ୍ତି (ମିର୍ଜା ସାହେବଙ୍କର) ବୟତ କରି ତୁମେ କି ଚମତ୍କାର କଲ । ସେମାନଙ୍କୁ ଉତର ଦିଅ ଆମେ ଉତମ ଚରିତ୍ର ଆପଣାଇବା ଓ ମନ୍ଦ ପ୍ରବୃତି ତ୍ୟାଗ କରିବାର ଚମତ୍କାର କରି ଦେଖାଇଲୁ । ହଜୁର ଆ.ସ କୁହନ୍ତି ସେହିପରି ଯେତେବେଳେ ଜଣେ ସ୍ୱାର୍ଥପରାୟଣ ଭାବନା ତ୍ୟାଗ କରି ନମ୍ରତା ଓ ଶିଷ୍ଟାଚାରକୁ ଆପଣାଏ ତେବେ ତାହା ହିଁ ତା'ର ଚମତ୍କାର (କରିବା) ଅଟେ । ସୁତରାଂ ତୁମମାନଙ୍କ ମଧ୍ୟରୁ କିଏ ବା ଚମତ୍କାରୀ ପୁରୁଷ ହେବାକୁ ନଚାହେଁ । ଯଦି ସଦାସର୍ବଦା ପାଇଁ କୌଣସି ଚମତ୍କାର ପ୍ରତିଷ୍ଠିତ ରହିଥାଏ ତେବେ ତାହା ଏହି (ଚରିତ୍ର ପରିବର୍ତନର) ଚମତ୍କାର ଓ ବିପ୍ଳବ ଅଟେ । ଯାହାକି ତୁମକୁ ନିଜ ଭିତରେ ଉତ୍ପନ୍ନ କରିବା ଉଚିତ୍ ଅର୍ଥାତ ମନ୍ଦ ପ୍ରବୃତିକୁ ତ୍ୟାଗ କରି ଉତମ ଆଚରଣକୁ ଆପଣାଇବା । ହଜୁର ଆ.ସ ଆହୁରି କୁହନ୍ତି ମଣିଷ ନିଜ ଚରିତ୍ରର ସୁଧାର କରିବା ଉଚିତ୍ କାରଣ ଏହା ଏପରି ଚମତ୍କାର ଯାହାର ପ୍ରଭାବ କଦାପି ଦୂରିଭୂତ ହୋଇନଥାଏ ବରଂ ତାହାର ଉପକାରିତା ଦୂରଦୂରାନ୍ତର ପର୍ଯ୍ୟନ୍ତ ପ୍ରସାର ଲାଭ କରିଥାଏ । ମୋମିନ୍ ପାଇଁ ଆବଶ୍ୟକ କି ସେ ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଚମତ୍କାର ହୋଇଯାଉ । ଆପଣ କୁହନ୍ତି ଅନେକ ମଦ୍ୟପ ଓ ଲମ୍ପଟ ଏପରି ଥାନ୍ତି ଯେ କୌଣସି ଅଦଭୂତପୂର୍ଣ୍ଣ ନିଦର୍ଶନ ଦେଖି ମଧ୍ୟ ବିଶ୍ୱାସ ଆଣିନଥାନ୍ତି କିନ୍ତୁ ଉତମ ଚରିତ୍ର ଦେଖି ସେମାନଙ୍କ ମୁଣ୍ଡ ନଇଁଯାଇଥାଏ ।

ଯଦି ମଣିଷ ନିଜ ଭିତରେ ସ୍ୱାର୍ଥପରାୟଣତା ଓ କାମନାର ବଶଃବର୍ତୀ ହେବାର କୀଟକୁ କାଢି ଫିଙ୍ଗିନଦିଏ ତେବେ ଏକେଶ୍ୱରବାଦ ଉପରେ ମଧ୍ୟ ତାହାର ଆସ୍ଥା ଆସିନଥାଏ । ଏହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ଅସଲ କଥା ହେଲା ଅଲ୍ଲାଃତାଲାଙ୍କ କୃପା ବ୍ୟତୀତ ସେହି କୀଟ ମଣିଷ ଭିତରୁ ବାହାରି ନଥାଏ । ସୁତରାଂ ଅଲ୍ଲାଃଙ୍କ କୃପା ଲାଭ କରିବାକୁ ଚେଷ୍ଟା କରିବା ଉଚିତ୍ । ଆପଣ କୁହନ୍ତି ଏହା ଅତ୍ୟନ୍ତ ସୁକ୍ଷ୍ମ କୀଟ ହେଲେ ମଧ୍ୟ ତାହା ମଣିଷର ସବୁଠାରୁ ଅଧିକ କ୍ଷତି ଓ ଅନିଷ୍ଟ କରିଥାଏ । ଯେଉଁମାନେ ନିଜ ସ୍ୱାର୍ଥ ଓ କାମନା ପୂରଣର ବଶଃବର୍ତୀ ହୋଇଥାନ୍ତି ସେମାନେ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିନଥାନ୍ତି ଏବଂ ତାଙ୍କ ଧାର୍ଯ୍ୟ ସୀମା ବାହାରକୁ ଚାଲିଯାଇଥାନ୍ତି । ପୁଣି ଏଭଳି ଭକ୍ତମାନଙ୍କ ପ୍ରତି ମଧ୍ୟ ନିଜ କର୍ତବ୍ୟ ସମ୍ପାଦନ କରିପାରିନଥାନ୍ତି । ଏପରି ନୁହେଁ କି ସେମାନେ ଅଶିକ୍ଷିତ କିମ୍ୱା ଅଜ୍ଞାନ ଅଟନ୍ତି ବରଂ ସହସ୍ର ମୌଲବି ଓ ଜ୍ଞାନୀ ଏପରି ଅଛନ୍ତି ଯେ ସାଧୁ ସନ୍ଥ ବୋଲାଇଥାନ୍ତି କିନ୍ତୁ ସେମାନେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

ଆପଣ କୁହନ୍ତି- ଏହି ପ୍ରତିମୂର୍ତିରୁ ରକ୍ଷା ପାଇବା ତ ଅସଲ ବୀରତ୍ୱ । ଏହାକୁ ଚିହ୍ନିବା ହିଁ ପ୍ରକୃତ ଜ୍ଞାନ ଓ ବୁଦ୍ଧିମାନୀ, ଯଦ୍ୱାରା ପାରସ୍ପରିକ ମତଭେଦ ବଢିଥାଏ ଏବଂ ସହସ୍ର (ଲୋକଙ୍କ) ହତ୍ୟା ହୋଇଥାଏ । ଜଣେ ଭାଇ ଅନ୍ୟ ଜଣର ଅଧିକାର ଆତ୍ମସାତ କରିଥାଏ, ସେହିପରି ସେହି କାରଣରୁ ଜଣକ ଦ୍ୱାରା ସହସ୍ର ଅପକର୍ମ ହୋଇଥାଏ । ଆପଣ କୁହନ୍ତି ପ୍ରତ୍ୟେକ ଦିନ ଓ ପ୍ରତି ମୁହୁର୍ତରେ ଏଭଳି ଘଟିଥାଏ କି ଲୋକେ ଏଭଳି ମାଧ୍ୟମ ଉପରେ ନିର୍ଭର କରିବସିଥାନ୍ତି କି ଅଲ୍ଲାଃତାଲା ମାତ୍ର ଏକ ପରିତ୍ୟକ୍ତ କିମ୍ୱା ପ୍ରତ୍ୟାହାର

ହୋଇଥିବା ଅଙ୍ଗ ପରି ରହିଯାଇଥାନ୍ତି । ଖୁବ୍ କମ୍ ଲୋକ ଥାନ୍ତି ଯେ ଏକେଶ୍ୱରବାଦର ପ୍ରକୃତ ଭାବାର୍ଥକୁ ବୁଝିଥାନ୍ତି ଯଦି ସେମାନଙ୍କୁ କୁହାଯାଏ, ସେତେବେଳେ ସେମାନେ ମିଛ କହିଥାନ୍ତି କି କ'ଣ ଆମେ ମୁସଲମାନ ନାହୁଁ ଆମେ କଲମା ପଢୁ ନାହୁଁ କିନ୍ତୁ ଦୁଃଖଦ ଯେ ସେମାନେ ବୁଝିନେଇଛନ୍ତି ଯେ ମାତ୍ର କଲମା ପାଠ କରିବା ହିଁ ଯଥେଷ୍ଟ ଅଟେ । ଆପଣ କୁହନ୍ତି ମୁଁ ଦୃଢ ଉକ୍ତିରେ କହୁଅଛି କି ଯଦି ଜଣେ କଲମା ତୟବାର ସତ୍ୟାସତ୍ୟ ଜାଣିନିଏ ଏବଂ ତଦନୁଯାୟୀ କାର୍ଯ୍ୟକରେ ତେବେ ବହୁତ ଉନ୍ନତି କରିବ ଏବଂ ଅଲ୍ଲାଃତାଲାଙ୍କ ଅଦଭୁତପୂର୍ଣ୍ଣ ରହସ୍ୟର ସନ୍ଧାନ ପାଇପାରିବ । ଅନେକ ଲୋକ ମୋ ଜମାଅତର ଅନ୍ତର୍ଭୁକ୍ତ ହୋଇଥାନ୍ତି ଏବଂ ଏକେଶ୍ୱରବାଦର ସ୍ୱୀକାର ମଧ୍ୟ କରିଥାନ୍ତି କିନ୍ତୁ ମୁଁ ଦୁଃଖର ସହିତ କହୁଛି ଯେ, (ପ୍ରକୃତରେ) ସେମାନେ ସ୍ୱୀକାର କରିନଥାନ୍ତି । ଯେ ନିଜ ଭାଇର ଅଧିକାର ମାରେ କିମ୍ବା ଆତ୍ମସାତ କରେ କିମ୍ବା ଅନ୍ୟାନ୍ୟ ମନ୍ଦକର୍ମରେ ଲିପ୍ତ ରହିଥାଏ ମୁଁ ବିଶ୍ୱାସ କରିପାରିବି ନାହିଁ ଯେ ସେ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ରହିଛି । ଯେ ନିଜ ଭାଇର ଅଧିକାର ନଷ୍ଟ କରେ ଓ ଆତ୍ମସାତ କରେ ସେ କଦାପି **ଲାଇଲାହା ଇଲ୍ଲଲ୍ଲାଃ**ର ସ୍ୱୀକାରକାରୀ ହୋଇପାରେ ନା । କାରଣ ଏହା ଏକ ଏପରି ପୁରସ୍କାର ଯାହାକୁ ପ୍ରାପ୍ତ କଲାପରେ ମଣିଷ ଭିତରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ତାହା ଭିତରେ ଦ୍ୱେଷ, ଈର୍ଷା, ଲୋକଦେଖାଣିଆ କାର୍ଯ୍ୟ ଆଦିର ପ୍ରତିମା ବାକି ରହିନଥାଏ ଏବଂ ସେ ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିଥାଏ । ଏହି ପରିବର୍ତ୍ତନ ସେତେବେଳେ ଆସିଥାଏ ଓ ଉକ୍ତ ବ୍ୟକ୍ତି ପ୍ରକୃତ ଏକେଶ୍ୱରବାଦୀ ହୋଇଥାଏ ଯେତେବେଳେ ତା'ର ଆଭ୍ୟନ୍ତରୀଣ ପ୍ରତିମୂର୍ତ୍ତି, ଗର୍ବ, ସ୍ୱାର୍ଥପରାୟଣତା ଲୋକଦେଖାଣିଆପଣ, ଈର୍ଷା, ଚୁଗୁଲି, ଶତ୍ରୁତା, ଲୋଭ, ଅପକର୍ମ, ପ୍ରତିଶୃତି ଭଙ୍ଗ କରିବା ଆଦି ଦୂର ହୋଇଯାଇଥାଏ । ଅତଏବ ଏହା ସତ୍ୟ ଯେ କେବଳ କହିଦେଲେ କି ଆମେ ଅଲ୍ଲାଃତାଲାଙ୍କୁ ଏକ ସ୍ୱୀକର କରୁଅଛୁ, କୌଣସି ଫଳପ୍ରାପ୍ତ ହୋଇନଥାଏ । ଦେଖ ଜଣେ ମୁହଁରୁ କଲମା ପଢିବା ପରେ ଯଦି ନିଜ ସ୍ୱଭାବ ବିପରୀତ କଥା ଦେଖେ ତେବେ ସଙ୍ଗେ ସଙ୍ଗେ କ୍ରୋଧ ଓ ବିରକ୍ତି (ଆଚରଣକୁ) ନିଜର ଈଶ୍ୱର କରିନେଇଥାଏ । ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ସାରମର୍ମ ଏହି କି ଯେ, ମଣିଷ ନିଜ ଅଭ୍ୟନ୍ତରର ସ୍ୱାର୍ଥ ଓ କାମନାର ବଶଃବର୍ତୀ ହେବାର କୀଟକୁ କଦାପି ବାହର କରିପାରିବ ନାହିଁ କେବଳ **ଲାଇଲାହା ଇଲ୍ଲଲ୍ଲାଃ**ର ସ୍ୱୀକାର କରିଦେଲେ ଜଣେ ଏକେଶ୍ୱରବାଦୀ ହୋଇଯାଇନଥାଏ । ଏଥିପାଇଁ ଅଲ୍ଲାଃଙ୍କୁ ସକଳ ଶକ୍ତିର ଅଧିକାରୀ ଓ ତାଙ୍କୁ ହିଁ ପ୍ରକୃତ ଉପାସ୍ୟ ମଣିବା ଜରୁରୀ ଅଟେ । ଯଦି ତାଙ୍କୁ ସର୍ବଶକ୍ତିମାନ ସ୍ୱୀକାର କର ଏବଂ ପ୍ରକୃତ ଉପାସ୍ୟ ସ୍ୱୀକାର କର ତେବେ ସାଂସାରିକ ବାହାନା ଓ ଆଳରେ ଜଣେ ଅନ୍ୟ ଜଣକର ଅଧିକାର ମାରିବ ନାହିଁ । ସୁତରାଂ ଯେ ନିଜ ଭାଇର ଅଧିକାର ତାହାକୁ ଫେରାଇନଥାଏ, ଯେ ସନ୍ଧି ପ୍ରତିଗୋଡ଼ ବଢାଇନଥାଏ, ଯେ ପାରସ୍ପରିକ ଶତ୍ରୁତାରେ ପୂର୍ଣ୍ଣଚ୍ଛେଦ୍ ପକାଇନଥାଏ ସେ କଦାପି ଏକେଶ୍ୱରବାଦୀ ହୋଇନଥାଏ । ହଜରତ ମସିହ ମଉଦ ଆ.ସଙ୍କ ଉପରୋକ୍ତ ତଥ୍ୟର ଏହା ହିଁ ସାରାଂଶ ଅଟେ । ଏହା ଏପରି ତଥ୍ୟ ଯେ, ଯଦି ଆମେ ଏହାକୁ ବୁଝିନେବା ତେବେ ସଦାସର୍ବଦା ପାଇଁ ସନ୍ଧିର ଭିତିସ୍ଥାପନ କରିଦେବା ଏବଂ ଅନ୍ୟର ଅଧିକାର ଫେରସ୍ତ କରିବାରେ କଦାପି ପଛଘୁଂଚା ଦେବା ନାହିଁ ।

ସୁତରାଂ ଆମ୍ଭ ସମସ୍ତଙ୍କୁ ଏହି ବିଷୟକୁ ବୁଝି ନିଜର ନିରୀକ୍ଷଣ କରିବା ଆବଶ୍ୟକ ନଚେତ୍ ମୁହଁରୁ ଏକେଶ୍ୱରବାଦର ଘୋଷଣା କରି ଅମଳ କ୍ଷେତ୍ରରେ ତାହାର ବିପରୀତ କାର୍ଯ୍ୟ କରିବା, ଆମକୁ ନିଜ ଅବସ୍ଥା ଉପରେ ଚିନ୍ତିତ ହେବାର ସ୍ଥାନ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ନିଃସନ୍ଦେହ ସନ୍ଧି କରିବା ଏକ ଉଚ୍ଚମାନର ଆଚରଣ ଏବଂ ମାନବ ଜାତି ନିମନ୍ତେ ଅତ୍ୟନ୍ତ ଜରୁରୀ ଅଟେ । ଅଲ୍ଲାଃତାଲା ପବିତ୍ର କୋରାନରେ କୁହନ୍ତି- **ଓ୍ୱ ଅସ୍‌ଲିହୁ ଜାତା ବୈନକୁମ୍** ଅର୍ଥାତ ପରସ୍ପରର ସଂଶୋଧନ କର । **ଓ୍ୱ ଅସ୍‌ଲିହ୍ ଖୈର** ସନ୍ଧି ସର୍ବୋତମ ଅଟେ । **ଓ୍ୱ ଇନ୍ ଜନାହୁ ଲିସ୍ ସଲ୍‌ମି ଫଜନହ୍ ଲହା** ଅର୍ଥାତ ଯଦି ସେମାନେ ସନ୍ଧି ପାଇଁ ଆଗ୍ରହୀ ହୁଅନ୍ତି ତେବେ ତୁମ୍ଭେ ମଧ୍ୟ ସେଥିପାଇଁ ଆଗ୍ରହୀ ହୁଅ । ପୁଣି ଅଲ୍ଲାଃ କୁହନ୍ତି **ଓ୍ୱ ଇବାଦୁର୍ ରହ୍‌ମାନିଲ୍ ଲଜିନା ୟମ୍‌ସୁନା ଅଲ୍ଲ ଅର୍‌ଜିହଓ୍ୱନା** ଅର୍ଥାତ ଅଲ୍ଲାଃଙ୍କ ଭକ୍ତ ସେହିମାନେ ଯେ ଭୂପୃଷ୍ଠରେ ବିନୀତ ଭାବରେ ଚାଲନ୍ତି । ପୁନଶ୍ଚ କହିଲେ **ଓ୍ୱ ଇଜା ମର୍‌ରୁ ବିଲ୍ ଲଗ୍‌ଓ୍ୱି ମର୍‌ରୁ କିରାମା** ଅର୍ଥାତ ଏବଂ ନିରର୍ଥକ ବିଷୟ ପାର୍ଶ୍ୱ ଦେଇ ଯିବାବେଳେ (ସେମାନେ) ଭଦ୍ର ଭାବେ ଚାଲିଯାଆନ୍ତି ।

ହଜୁର ଆ.ସ ଏହି ପଙ୍କ୍ତିଂକୁ ଚୟନ କଲେ **ଇଦ୍‌ଫା ବିଲ୍ ଲତି ହିୟା ଅହ୍‌ସନୁ ଫାଇଜାଲ୍ ଲଜି ବୈନକା ଓ୍ୱ ବୈନହୁ ଅଦାଓ୍ୱତୁନ୍ କାଅନ୍ନହୁ ଓ୍ୱଲିୟୁନ୍ ହମିମ୍** ଅର୍ଥାତ ତୁମେ ମନ୍ଦ କାର୍ଯ୍ୟର ଉତର ଅତି ଉତମ ବ୍ୟବହାର ଦ୍ୱାରା ଦିଅ । ଯାହାଫଳରେ ଯେଉଁ ବ୍ୟକ୍ତିର ତୁମ୍ଭ ସହିତ ଶତ୍ରୁତା ଥିଲା ସେ ତୁମ୍ଭର ଉତମ ବ୍ୟବହାରକୁ ଦେଖି ତୁମ୍ଭର ଅନ୍ତରଙ୍ଗ ବନ୍ଧୁ ହୋଇଯିବ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହି ଜମାଅତ ସ୍ଥାପନ କରିବାରେ ଉଦ୍ଦେଶ୍ୟ (ତୁମ) ଜିଭ, କାନ, ଅଖି ଓ ପ୍ରତ୍ୟେକ ଅଙ୍ଗରେ ଈଶ୍ୱର ଭୟ ପ୍ରବେଶ କରିଯିବା ଅଟେ । ଈଶ୍ୱର ଭୟର ପ୍ରକାଶ ମଣିଷର ବାହ୍ୟ ଓ ଆଭ୍ୟନ୍ତରରେ ବିରାଜିତ ରହି ଉତମ ଚରିତ୍ରର ନମୁନା ପ୍ରଦର୍ଶନ କରିବା ସହିତ ଅଯଥା କ୍ରୋଧ ଓ ଉତ୍ୟକ୍ତ ହେବା ଯେପରି ଦୃଶ୍ୟମାନ ହେଉନଥିବ । ଆପଣ କୁହନ୍ତି ମୁଁ ଦେଖୁଅଛି କି ଜମାଅତର ସଦସ୍ୟମାନଙ୍କ ମଧ୍ୟରେ ବର୍ତମାନ ମଧ୍ୟ କ୍ରୋଧ ବିରାଜିତ ରହିଛି । ଛୋଟ ଛୋଟ କଥାରେ ପରସ୍ପର ପ୍ରତି ଘୃଣା ଭାବନା ଦେଖିବାକୁ ମିଳୁଅଛି ଏବଂ ସେମାନେ ପରସ୍ପର ସହ ଝଗଡ଼ା କରିବାକୁ ପ୍ରସ୍ତୁତ ହୋଇଯାଉଛନ୍ତି । ଏପରି ଲୋକମାନଙ୍କର ଜମାଅତ ସହ କୌଣସି ସମ୍ପର୍କ ନାହିଁ । ମୁଁ ବୁଝିପାରୁ ନାହିଁ ସେମାନଙ୍କର କ'ଣ ଅସୁବିଧା ହେଉଛି, ଯଦି କେହି ତୁମକୁ ଗାଳି କରନ୍ତି ତେବେ ନିରବ ରହିଲେ ଅସୁବିଧା କ'ଣ ? ପ୍ରତ୍ୟେକ ଗୋଷ୍ଠୀର ସୁଧାର ଚରିତ୍ରରୁ ଆରମ୍ଭ ହୋଇଥାଏ । ଆବଶ୍ୟକ କି ପ୍ରାରମ୍ଭରୁ ଧୈର୍ଯ୍ୟର ସହିତ ତରବିୟତ୍ କରିବାରେ ଉନ୍ନତି କରିବା ଏବଂ ସବୁଠାରୁ ଉତମ ମାର୍ଗ ଏହି କି ଯେ ଯଦି କେହି କାହାର ନିନ୍ଦା କରନ୍ତି ତେବେ ତାହା ପାଇଁ ଦରଦ୍‌ର ସହିତ ଦୁଆ କରିବା କି ଅଲ୍ଲାଃତାଲା ତାହାର ସୁଧାର କରିଦିଅନ୍ତୁ । ହୃଦୟରେ ଅନ୍ୟ ପ୍ରତି ବିତୃଷ୍ଣା ଭାବନାକୁ କଦାପି ବଢିବାକୁ ଦେବା ନାହିଁ । ଅଲ୍ଲାଃତାଲା ପସନ୍ଦ କରିନଥାନ୍ତି କି ଦୟା, କ୍ଷମା ଓ ଧୈର୍ଯ୍ୟ ପରି ଉତମ ଗୁଣ ସ୍ଥାନରେ ହିଂସ୍ର (ଭାବନା) ବସା ବାନ୍ଧୁ । ଯଦି ତୁମେ ଏହି ଉତମ ଗୁଣମାନରେ ଉନ୍ନତି କରିଚାଲ ତେବେ ଖୁବ୍ ଶିଘ୍ର ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିନେବ ।

ହଜୁର ଆ.ସ ଗୋଟିଏ ସ୍ଥାନରେ ଉପଦେଶ ପୂର୍ବକ କହିଛନ୍ତି- ଯଦି (ତୁମେ) ମୋ ସହ ସମ୍ପର୍କ ଯୋଡ଼ିଛ ଓ ମୋ ସୈନ୍ୟମାନଙ୍କ ମଧ୍ୟରେ ସାମିଲ ହେବାର ଘୋଷଣା କରୁଛ ତେବେ ତୁମକୁ ଉତମ ଚରିତ୍ର ଆପଣାଇବାକୁ ହେବ ଏବଂ ବିଭ୍ରାଟରୁ ନିବୃତ ରହିବାକୁ ହେବ । ଆପଣ ନିଜ ମାନ୍ୟକାରୀମାନଙ୍କୁ କହିଲେ ତୁମେମାନେ ନିଜ ହୃଦୟ ପବିତ୍ର କର, ମାନବିକତା (ଗୁଣ)ରେ ଉନ୍ନତି କର, ଦୁଃଖିଜନଙ୍କ ସହ ସହାନୁଭୂତି ପ୍ରଦର୍ଶନ କର, ଭୂପୃଷ୍ଠରେ ସନ୍ଧିକୁ ବିସ୍ତାର କର ଏସବୁ ଦ୍ୱାରା ହିଁ ଧର୍ମ ପ୍ରସାର ଲାଭ କରିବ । ଆପଣ କହିଲେ ସୁତରାଂ ଉଠ ଏବଂ କ୍ଷମା ପ୍ରାର୍ଥନା କର, ଈଶ୍ୱରଙ୍କୁ ନିଜର ଉତମ ଆଚରଣ ଦ୍ୱାରା ରାଜି କର ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ (ତୁମମାନଙ୍କୁ) ଉପଦେଶ ଦେଉଛି କି ମନ୍ଦ କର୍ମରୁ ନିବୃତ ରୁହ । ମାନବ ଜାତି ସହିତ ସହାନୁଭୂତି ପ୍ରଦର୍ଶନ କର । ନିଜ ହୃଦୟକୁ ଦ୍ୱେଷ ଓ ମନ୍ଦ ଚିନ୍ତାରୁ ପବିତ୍ର କର, ଏପରି ଅଭ୍ୟାସ ଦ୍ୱାରା ତୁମେ ଦେବଦୂତମାନଙ୍କ ପରି ହୋଇଯିବ । କିଭଳି ଅପବିତ୍ର ଓ ଦୂଷିତ ଅଟେ ସେହି ଧର୍ମ ଯେଉଁଥିରେ ମାନବ ଜାତି ପ୍ରତି ସହାନୁଭୂତିର ଶିକ୍ଷା ନାହିଁ ଏବଂ କିଭଳି ଅପବିତ୍ର ଅଟେ ସେହି ମାର୍ଗ ଯାହକି ଅନ୍ତରର ଦ୍ୱେଷ ରୂପକ କଣ୍ଟାରେ ପରିପୂର୍ଣ୍ଣ ରହିଛି । ସୁତରାଂ ତୁମେ ଯେ କି ମୋ ସହିତ ଜଡ଼ିତ, ଏପରି ହୁଅ ନାହିଁ । ତୁମେ ଚିନ୍ତା କର ଧାର୍ମିକ ହେବାରେ କ'ଣ ହାସଲ ହୋଇଥାଏ । କ'ଣ ଏହି କି ଯେ ପ୍ରତ୍ୟେକ କ୍ଷଣ ଲୋକମାନଙ୍କୁ କଷ୍ଟ ଦେବା । ନା, ବରଂ (ମଣିଷ) ଧାର୍ମିକ ଏଥିପାଇଁ ହୁଏ କି ସେ ଏପରି ଜୀବନ ଲାଭ କରିବ ଯାହା ଅଲ୍ଲାଃ ଚାହାନ୍ତି ଅର୍ଥାତ ଅଲ୍ଲାଃଙ୍କ ଗୁଣ ନିଜ ଭିତରେ ସୃଷ୍ଟି କରିବା ଏବଂ ଏହାକୁ ବାଦଦେଇ ଉକ୍ତ ଜୀବନ କାହରିକୁ ପ୍ରାପ୍ତ ହୋଇନଥାଏ, ନା କଦାଚିତ୍ ହୋଇପାରିବ । ଅଲ୍ଲାଃଙ୍କ ଖାତିର୍ ସମସ୍ତଙ୍କ ଉପରେ ଦୟା କର ଯଦ୍ୱାରା ଆକଶରୁ ତୁମ ଉପରେ ଦୟା (ବର୍ଷଣ) ହେବ । *ଆସ ମୁଁ ତୁମକୁ ଏକ ଏପରି ମାର୍ଗର ସନ୍ଧାନ ଦେଉଛି ଯଦ୍ୱାରା ତୁମର ପ୍ରକାଶ ସମସ୍ତ ପ୍ରକାଶ ଉପରେ ବିଜୟ ଲାଭ କରିବ । ତାହା ଏହି କି ଯେ, ତୁମେ ସମସ୍ତ ପ୍ରକାରର ନିରର୍ଥକ, ମନ୍ଦ, ଈର୍ଷା ଆଦିକୁ ବର୍ଜନ କରି ମାନବଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ସହିତ ଅଲ୍ଲାଃଙ୍କ ମଧ୍ୟରେ ହଜିଯାଅ ଏବଂ ତତ୍ ସହିତ ସର୍ବୋତ୍କୃଷ୍ଟ ପବିତ୍ରତା ଲାଭ କର ।* ଏହା ହିଁ ସେହି ମାର୍ଗ ଯେଉଁଠାରେ ପହଂଚି ତୁମେ ଚମତ୍କାର ଦେଖାଇବା ସହିତ ତୁମର ଦୁଆ ସ୍ୱୀକାର ହେବ ଏବଂ ତୁମ ସାହାଯ୍ୟ ନିମନ୍ତେ ଦେବଦୂତମାନେ ଓହ୍ଲାଇ ଆସିବେ ।

ଅଲ୍ଲାଃତାଲା ଆମ୍ଭକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ହଜୁର ଆ.ସଙ୍କ ଶିକ୍ଷା ମୁତାବକ ଅମଳ କରି ମାନବ ଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା, ସନ୍ଧିର ଭିତି ସ୍ଥାପନ କରିବା, ଏକେଶ୍ୱରବାଦର ପ୍ରକୃତ ଭାବାର୍ଥ ବୁଝିବାରେ ସକ୍ଷମ ହେବା । ସମାଜରେ ପ୍ରେମ ଓ ଭଲପାଇବାକୁ ପ୍ରସାରିତ କରିବା ସହିତ ସାଂସାରିକ କାମନାର ବଶଃବର୍ତୀ ହେବା ପରିବର୍ତେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ସର୍ବଦା ଚେଷ୍ଟିତ ରହିବା ଏବଂ ତାହାକୁ ହିଁ ପ୍ରାଥମିକତା ଦେବା ।

⌘⌘⌘⌘⌘⌘⌘⌘⌘⌘

## ତହ୍‌ରିକ ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ହେଉଛି ଏକ ଗୁରୁ ଦାୟିତ୍ୱ

ଯେପରି ଆପଣମାନେ ଜାଣିଛନ୍ତି ଯେ ତହ୍‌ରିକ୍ ଜଦିଦ୍‌ର ବର୍ଷ ୧ ନଭେମ୍ବର ରୁ ଆରମ୍ଭ ହୋଇ ୩୧ ଅକ୍ଟୋବର ରେ ଶେଷ ହୁଏ । ଏ ଦୃଷ୍ଟିକୋଣରୁ ଚଳିତ ବର୍ଷ ଶେଷ ହେବା ପାଇଁ ଏବେ ମାତ୍ର ଅଢ଼େଇମାସ ବାକି ଅଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି- ''ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି ଯେ ସେହିସବୁ ୱାଦା (ପ୍ରତିଶୃତି) ଯାହା ଖୁଦାତାଲାଙ୍କ ପାଇଁ କରାଯାଏ, ସେ ବିଷୟରେ ପଚରାଯିବ ଅର୍ଥାତ୍ ସେ ବିଷୟରେ ହିସାବ ମଗାଯିବ । ସେ ବ୍ୟକ୍ତି ଯିଏ ୱାଦା କରିନାହିଁ ସେ ହେଉଛି ଦୁର୍ବଳ ଓ ଖୁଦାତାଲା ତାକୁ ନିଜ ଦୃଷ୍ଟିରେ ଦେଖିଥାଏ । କିନ୍ତୁ ଯିଏ ୱାଦା କରିଛି ଏବଂ ତାକୁ ପୁରା କରୁନାହିଁ ସେ ହେଉଛି ଦୋଷି ଓ ଖୁଦାତାଲା ତାକୁ ଦଣ୍ଡ ଦେବ । ତେଣୁ ଏହି ୱାଦା କରିବା ସାଧାରଣ କଥା ନୁହେଁ । ପ୍ରଥମତଃ ଦୁଃଖର ବିଷୟ ଯେ ଏତେବଡ଼ ମହାନ୍ କାର୍ଯ୍ୟ ପାଇଁ ଏତେ ସାଧାରଣ ତ୍ୟାଗ, ପୁଣି ଏହାଠାରୁ ଅଧିକ ଦୁଃଖର କଥା ଏହା ଯେ ୱାଦା ପୁରା କରିବା ପାଇଁ ବହୁତ କମ୍ ଧ୍ୟାନ ଦିଆଯାଉଛି'' ।

**(ତହ୍‌ରିକେ ଜଦିଦ୍ ଏକ୍ ଇଲାହି ତହ୍‌ରିକ୍, ତୃତୀୟ ଖଣ୍ଡ, ପୃଷ୍ଠା-୧୫୦)**

ପୁଣି କହୁଛନ୍ତି ଯେ:- ''ଯଦି ତୁମେ ଅହେମଦୀୟତ୍‌କୁ ନିଷ୍ଠତାର ସହିତ ଗ୍ରହଣ କରିଅଛ ତେବେ ହେ ପୁରୁଷମାନେ ! ଏବଂ ହେ ନାରୀଗଣ ! ତୁମ ଉପରେ ଏହା ଧାର୍ଯ୍ୟ ଅଟେ ଯେ ତହ୍‌ରିକ୍ ଜଦିଦ୍‌ର ଉଦ୍ଦେଶ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ମୋତେ ସହଯୋଗ କର । ପୃଥିବୀ ଓ ଆକାଶର ଖୁଦା ସାକ୍ଷୀ ଅଛନ୍ତି ଯେ ଯାହା କିଛି ମୁଁ କହୁଅଛି ମୋ ନିଜ ପାଇଁ କହୁନାହିଁ । ଖୁଦାତାଲା ଏବଂ ଇସ୍‌ଲାମ୍ ନିମନ୍ତେ କହୁଅଛି । ରସୁଲୁଲ୍ଲାଃ ସ୍ୱଲଲ୍ଲାହୋ ଆଲୈହେ ୱସ୍‌ସଲ୍ଲମ୍‌ଙ୍କ ନିମନ୍ତେ କହୁଅଛି । ତୁମେ ଆଗକୁ ବଢ଼ ଏବଂ ନିଜର କାୟା ଓ ମନ ଓ ନିଜର ଧନକୁ ଖୁଦା ଏବଂ ତାର ରସୁଲ୍ ସ୍ୱଲଲ୍ଲାହୋ ଆଲୈହେ ୱସ୍‌ସଲ୍ଲମ୍ ଙ୍କ ନିମନ୍ତେ କୁର୍ବାନ୍ କରିଦିଅ । (କିତାବ୍ ପାଂଚ୍ ହଜାରୀ ମୁଜାହିଦିନ୍, ପୃଷ୍ଠା-୮)

ସମସ୍ତ ଜିଲ୍ଲାଇ ଅମୀର୍, ସ୍ଥାନୀୟ ଅମୀର୍, ସଦର ସାହାବାନ୍ ଏବଂ ଜିଲ୍ଲାଇ ଓ ସ୍ଥାନୀୟ ତହ୍‌ରିକ୍ ଜଦିଦ୍‌ର ସେକ୍ରେଟାରୀମାନଙ୍କୁ ନିବେଦନ କରାଯାଉଛି ଯେ ସେମାନେ ନିଜ ନିଜ ଜମାତ୍‌ର ସମସ୍ତ ବ୍ୟକ୍ତିମାନଙ୍କ ଠାରୁ ସେମାନେ କରିଥିବା ୱାଦାର ଶତ ପ୍ରତିଶତ ଆଦାୟ କରିବା ପାଇଁ ନିଜର ଚେଷ୍ଟାକୁ ତୀବ୍ର କରନ୍ତୁ । ଫଳତଃ ଜମାତ୍ ଅହେମଦୀୟା ଭାରତ ନିଜର ଗୌରବମୟ ପ୍ରତିଷ୍ଠାକୁ କାଏମ୍ ରଖି ଖଲିଫାଙ୍କ ନିକଟରୁ ମିଳିଥିବା ଚଳିତ ବର୍ଷର ଟାର୍ଗେଟ୍‌କୁ ପୁରା କରିପାରିବ ଏବଂ ଆମ୍ଭେ ପ୍ରିୟ ଆକାଙ୍କ ଗ୍ରହଣୀୟ ଦୁଆରୁ ଅଧିକରୁ ଅଧିକ ଭାଗ ପାଇବାର ଗୌରବ ହାସଲ କରିପାରିବା । ୱ ବିଲ୍ଲାହିଲ୍ ତୌଫିକ୍ ।

ଅଲ୍ଲାଃତାଲା ଜମାତ୍‌ର ସମସ୍ତ ବ୍ୟକ୍ତିଙ୍କୁ ନିଜର ଅସୀମ ଦୟା, କରୁଣା ଓ ବର୍‌କତ୍‌ର ଉତରାଧିକାରୀ ବନାନ୍ତୁ । ଆମିନ୍ ।

**(ୱକିଲୁଲ୍ ମାଲ୍ ତହ୍‌ରିକେ ଜଦିଦ୍ କାଦିଆନ୍)**

## ନଶରୋ ଇଶାଅତ୍‌ର D.T.P ସେଂଟର୍ ପାଇଁ ପ୍ରାର୍ଥିନୀ ଆବଶ୍ୟକ

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଜଣେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକ ଅଛି । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ ।

୧.ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ, ଆରବୀ, ଇଂରାଜୀ ଲେଖିବା ପଢ଼ିବା ଜାଣିଥିବେ ।

୨.ହିନ୍ଦି ଟାଇପିଂ ରେ ଦକ୍ଷତା ଥିବ । ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ ୩.ହିନ୍ଦି ଟାଇପିଂ Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ତିନିଶହ ଶବ୍ଦ ଟାଇପ୍ କରିପାରୁଥିବେ ୪.ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ୫.କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲମା କରିଥିବେ ୬. In-Design, MS-word, In-Page ବିଷୟରେ Basic Knowledge ଥିବ ୭. ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ ୮. ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ ୯. ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ । ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ୧୦.କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ ବହନ କରିବେ ।

**(ନଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

❀❀❀❀❀❀❀❀❀❀❀❀

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ଉଦାହରଣ ସ୍ୱରୁପ ଖର୍ଚ୍ଚ ଇତ୍ୟାଦି । ଯେଉଁଠି ଆପଣମାନେ ନିଜେ ଅଳ୍ପରେ ସନ୍ତୁଷ୍ଟତା ପାଇବାକୁ ଚେଷ୍ଟା କରିବେ ସେଠି ୱହ୍‌ଦାଦାର୍‌ମାନଙ୍କୁ ମଧ୍ୟ ବୁଝାଇବା ଆପଣମାନଙ୍କର କାର୍ଯ୍ୟ ଅଟେ । ଆମେ ହେଉଛେ ଗୋଟିଏ ଗରିବ ଯମାତ୍ । କିଛି ଲୋକଙ୍କ ଚାନ୍ଦା ଦ୍ୱାରା ଆମର ଖର୍ଚ୍ଚ ପୁରା ହେଉଅଛି ଓ ଯମାତ୍‌ର ଅଧିକାଂଶ ଲୋକେ ଗରିବ ଅଟନ୍ତି । ଆମେ ଏହା ତ କହିପାରିବା ନାହିଁ ଯେ ବହୁତ ଧନୀ ଏମାନେ । ତେଣୁ ଆପଣମାନଙ୍କୁ ଏ ଅନୁଭବ ହେବା ଉଚିତ୍ ଯେ ଆମର ଯେଉଁ ଚାନ୍ଦା ଆସୁଛି ତା ମୁକାବିଲାରେ ଖର୍ଚ୍ଚ କମ୍‌ରୁ କମ୍ ହେଉ ଏବଂ କମ୍ ଖର୍ଚ୍ଚରେ ଅଧିକ ଲାଭ ଉଠାଇବାକୁ ହେବ । ଇକୋନୋମିକ୍‌ସ୍‌ରେ ମଧ୍ୟ ଗୋଟିଏ ମୂଳ ତତ୍ୱ ହେଉଛି ସଫଳତାକୁ ସେ ଲାଭ କରେ ଯିଏ କମ୍‌ରୁ କମ୍ ଖର୍ଚ୍ଚରେ ଅଧିକରୁ ଅଧିକ ଲାଭ ଉଠାଇ ପାରିବ । ତେଣୁ ଆପଣମାନେ ସର୍ବଦା ଏ କଥାକୁ ମନେ ରଖିବା ଉଚିତ୍ । ଆମର ବହୁତ ବଡ଼ ବଡ଼ ଯୋଜନା ଅଛି ଏବଂ ଇନ୍‌ଶାଅଲ୍ଲାଃ ଅଲ୍ଲାଃତାଲା ସେଗୁଡିକ ନିଶ୍ଚିତ ପୁରା କରିବେ । କାରଣ ଅଲ୍ଲାଃତାଲାର ଏହା ପ୍ରତିଶୃତି କିନ୍ତୁ ଆମକୁ ଏଥିପାଇଁ ଚେଷ୍ଟା କରିବାକୁ ହେବ । ଅଲ୍ଲାଃତାଲା ଆମକୁ ଯେଉଁ ମାଧ୍ୟମ ଓ ସାଧନ ଦେଇଛନ୍ତି ତାହାର ବ୍ୟବହାର କରିବାକୁ ହେବ । ତେବେ ଯାଇ ଆମେ ଏହି ବଡ଼ ଯୋଜନା ଗୁଡିକ ହାସଲ କରିପାରିବା ।

ହଜୁର୍ ଅ:ବ:ଅ କହିଲେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯମାତ୍‌କୁ ଉପଦେଶ ଦେଇ କହିଛନ୍ତି ''ସିଲ୍‌ସିଲା କି ଇଜ୍ଜତ୍ ଔର୍ ଅଜ୍‌ମତ୍ କା ଖୟାଲ୍ ରଖୋ'' ଅର୍ଥାଥ- ସିଲ୍‌ସିଲାର ସମ୍ମାନ ଏବଂ ବୈଭବର ଖିଆଲ ରଖ ଏବଂ ଏହାକୁ ରଖିବାକୁ ଜଣେ ମୁରବୀ, ଜଣେ ମୋବଲିଗ୍, ଜଣେ ୱାକିଫେ ଜିନ୍ଦେଗି ସବୁଠାରୁ ବଡ଼ କାର୍ଯ୍ୟ ଅଟେ । ସର୍ବଦା ଆପଣମାନଙ୍କୁ ସମ୍ମୁଖରେ ସିଲ୍‌ସିଲାର ଇଜ୍ଜତ୍ ଓ ବୈଭବ ଏବଂ ଓକାର୍ ଦୃଷ୍ଟିରେ ରହିବା ଉଚିତ୍ । ଏବଂ ଏହା ସେତେବେଳେ ହୋଇପାରିବ ଯେପରି ମୁଁ ପ୍ରଥମେ କହିସାରିଛି ଯେତେବେଳେ ଆପଣମାନେ ପ୍ରତିକ୍ଷଣ ନିଜ ଉପରେ ଦୃଷ୍ଟି ଦେଇ ଜୀବନ ବିତାଇବେ । ଯେଉଁଠି ଆପଣମାନଙ୍କ ଉପାସନାର ସ୍ତର ଉଚ୍ଚ ହେବ ସେଠି ଆପଣଙ୍କ ଚରିତ୍ର ମଧ୍ୟ ଉତମ ହେବା ଉଚିତ୍ । ଏବଂ ଆପଣ ପ୍ରତ୍ୟେକ ମାମଲାରେ ଗୋଟିଏ ଅନୁକରଣୀୟ ଚରିତ୍ରର ଦୃଷ୍ଟାନ୍ତ ଦେଉଥିବେ । ଘରେ ନିଜର ପାରିବାରିକ ନମୁନା ଉତମ ହେଉଥିବ । ବାହାରେ ଆପଣଙ୍କର ଚାଲିଚଳନ କଥାବାର୍ତା ଉତମ ଥିବ । ଆପଣଙ୍କ ବସ୍ତ୍ର ଆପଣଙ୍କ ପାଇଁ ଉତମ ନମୁନା ହେଉଥିବ ଏବଂ ପ୍ରତ୍ୟେକ ବ୍ୟକ୍ତି ଆପଣମାନଙ୍କୁ ଦେଖି କହୁଥିବେ ଯେ ଏହି ଲୋକମାନେ ହିଁ ଅଟନ୍ତି ଯେଉଁମାନେ ଯମାତ୍‌ର ପ୍ରକୃତ ପ୍ରତିନିଧିତ୍ୱ କରୁଛନ୍ତି । ଏମାନଙ୍କ ଭିତରେ ଏପରି କୌଣସି କାର୍ଯ୍ୟ ଦେଖିବାକୁ ମିଳେ ନାହିଁ ଯାହା ଯମାତି ହିତର ବିରୋଧି ଅଟେ । ଏମାନେ ସେହି ବ୍ୟକ୍ତି ଅଟନ୍ତି ଯେଉଁମାନେ ନିଜର ଇଜ୍ଜତ୍‌କୁ ବାଜି ଲଗାଇ ଦିଅନ୍ତି କିନ୍ତୁ ଯମାତ୍‌ର ଇଜ୍ଜତ୍ ଓ ବୈଭବରେ କୌଣସି ପ୍ରକାର ଫରକ ପକାଇବାକୁ ଦିଅନ୍ତି ନାହିଁ । ସୁତରାଂ ଏହା ହିଁ ହେଉଛି ମାନଦଣ୍ଡ ଯାହାକୁ ଆପଣମାନେ ହାସଲ କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯମାତ୍‌କୁ ଉପଦେଶ ଦେଇ କହୁଛନ୍ତ ''ତୁମ୍‌ହାରା ଏକ୍ ନସବୁଲ୍ ଅଏନ୍ ହୋନା ଚାହିଏ'' ଅର୍ଥାତ୍ ତୁମ ଜୀବନର ଏକ ଉଦ୍ଦେଶ୍ୟ ରହିବା ଉଚିତ୍ । ସେ ଉଦ୍ଦେଶ୍ୟ କଣ ? ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ । ଏହା ହେଉଛି ସେହି ଉଦ୍ଦେଶ୍ୟ ଯାହା ସାଧାରଣତଃ ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ହେବା ଉଚିତ୍ କିନ୍ତୁ ଜଣେ ମୁରବୀ ପାଇଁ ସବୁଠାରୁ ବଳିକରି ହେବା ଉଚିତ୍ । ଏହା ଏକ ବିଶାଳ କାର୍ଯ୍ୟ ଅଟେ । ଯେତେବେଳେ ଆମେ ଇୟାକା ନାବୁଦ୍ କହୁଛେ ତେବେ ଯେପରି ମୁଁ ପ୍ରଥମେ କହିସାରିଛି ନିଜର ଉପାସନାର ସ୍ତରକୁ ବଢ଼ାଇବାକୁ ହେବ । ଏହା କେବଳ ଫର୍ଜ ନୁହେଁ ବରଂ ଗୋଟିଏ ଲକ୍ଷ୍ୟ ଅଟେ । ଏବଂ ଯମାତ୍‌ର ମହାନତା ଓ ବୈଭବକୁ କାଏମ୍ କରିବା ପାଇଁ ମଧ୍ୟ ଅଟେ । ଏବଂ ଏଥିପାଇଁ ଅଲ୍ଲାଃତାଲାଙ୍କ ନିକଟରେ ସାହାଯ୍ୟ ମାଗିବା ଉଚିତ୍ । ତା ସମ୍ମୁଖରେ ନତମସ୍ତକ ହେବା ଉଚିତ୍ । କୌଣସି ମନୁଷ୍ୟ ସମ୍ମୁଖରେ ମୁଣ୍ଡ ନୁଆଁଇବା ଅନୁଚିତ୍ । କୌଣସି ସାଂସାରିକ ପ୍ରଭାବରେ ପ୍ରଭାବିତ ହେବା ଅନୁଚିତ୍ ବରଂ ପ୍ରତ୍ୟେକ ସାହାଯ୍ୟ ଅଲ୍ଲାଃତାଲାଙ୍କ ଠାରୁ ନେବା ଯେ ମନୁଷ୍ୟ ଭୁଲ୍‌ର ଗନ୍ତାଘର ଅଟେ । ତେଣୁ ଅଲ୍ଲାଃତାଲାଙ୍କ ନିକଟରେ ଏ ପ୍ରାର୍ଥନା କରିବା ଉଚିତ୍ ଯେ ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ ଅର୍ଥାତ୍ ମୋତେ ସିଧା ରାସ୍ତାରେ ପରିଚାଳିତ କରାଓ । କଦାପି ଏପରି ଭୁଲ୍ ନ କରୁ ଯେ

ଯାହା ଦ୍ୱାରା ଯମାତ୍‌ର ସମ୍ମାନ ଓ ବୈଭବରେ କୌଣସି ଆଁଚ୍ ଆସୁ..... ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜଣେ ମୁରବୀ ଖରାପ କାର୍ଯ୍ୟ କରି ନା କେବଳ ନିଜକୁ ବଦ୍‌ନାମ୍ କରିଥାଏ ବରଂ ପୁରା ନିଜାମ୍‌କୁ ବଦ୍‌ନାମ୍ କରିଥାଏ । ତେଣୁ ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ ଆପଣଙ୍କ ସମ୍ମୁଖରେ ସର୍ବଦା ରହିବା ଉଚିତ୍ । ଏବଂ ଅନ୍‌ଅମ୍‌ତା ଆଲୈହିମ୍ ଅର୍ଥାତ୍ ସେ ଲୋକମାନଙ୍କ ମଧ୍ୟରେ ଗଣା ହେବା ପାଇଁ ଚେଷ୍ଟା କରନ୍ତୁ ଯାହାଙ୍କ ଉପରେ ଅଲ୍ଲାଃତାଲାଙ୍କର ପୁରସ୍କାର ହୋଇଅଛି । ତେଣୁ ଏପରି ପୁରସ୍କାର ପାଇବା ବ୍ୟକ୍ତି ଯେତେବେଳେ ଆମେ ହୋଇଯିବା ତେବେ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଏହି ଚାରୋଟି କଥା ଉପରେ ଅମଲ କରିବା ବାଲା ହୋଇପାରିବା । ଓ ତେବେ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉଦଦେଶ ମୁତାବକ ନିଜ ଉଦ୍ଦେଶ୍ୟକୁ ହାସଲ କରିବା ବାଲା ହୋଇପାରିବା । ଏହି କଥାକୁ ସର୍ବଦା ଆମେ ଆମ ସମ୍ମୁଖରେ ରଖିବା ଉଚିତ୍ । ଏବଂ ଏହି ସବୁ କଥାଗୁଡିକ ନିମନ୍ତେ ସବୁଠାରୁ ବଡ଼ ଯେଉଁ ଜିନିଷ ଅଛି ତାହା ହେଉଛି ତକ୍‌ଓ୍ୱା । ପ୍ରତ୍ୟେକ ମୁରବୀମାନଙ୍କର ତକ୍‌ଓ୍ୱାର ସ୍ତର ଉଚ୍ଚ ହେବା ଉଚିତ୍ । ଜଣେ ବୁଜୁରୁଗ୍ ଙ୍କ କପଡ଼ାରେ ଗୋଟିଏ ଛୋଟିଆ ଦାଗ ଲାଗିଥିଲା ଯାହାକୁ ସେ ଧୋଉଥିଲେ । ତାଙ୍କର ଜଣେ ଶିଷ୍ୟ ପଚାରିଲେ ଆପଣ ତ ଏହା ଫତ୍‌ଓ୍ୱା ଦେଇଛନ୍ତି ଯେ ଏତିକି ମାତ୍ରାରେ ଦାଗ ଲାଗିବା ମଇଲା ଗଣାଯାଏ ନାହିଁ ଓ କୌଣସି ଅସୁବିଧା ମଧ୍ୟ ନାହିଁ । ଏଥିରେ ନମାଜ ଇତ୍ୟାଦି ପାଠ କରିବା ଉଚିତ୍ ହେବ ଏବଂ କପଡ଼ା ମଧ୍ୟ ପବିତ୍ର ଅଛି । ଏ ପ୍ରଶ୍ନର ଉତରରେ ସେ କହିଲେ ଯାହା ତୁମକୁ ମୁଁ ଦେଇଥିଲି, ତାହା ଗୋଟିଏ ଫତୁଓ୍ୱା ଥିଲା କିନ୍ତୁ ବର୍ତମାନ ଯାହା ମୁଁ କରୁଅଛି ତାହା ହେଉଛି ତକ୍‌ଓ୍ୱା । ତେଣୁ ଜଣେ ମୁରବୀଙ୍କୁ ଫତ୍‌ଓ୍ୱା ଏବଂ ତକ୍‌ଓ୍ୱା ରେ ଫରକ କରିବା ପାଇଁ ନିଜ ସ୍ତରକୁ ଉଚ୍ଚ କରିବା ଆବଶ୍ୟକ । ଯଦି ଏଥିପ୍ରତି ଧ୍ୟାନ ଦେବେ ତେବେ ଆପଣମାନଙ୍କୁ ଅଲ୍ଲାଃତାଲା କର୍ମକ୍ଷେତ୍ରରେ ଏକ ଉତମ ମୋବୋଲିଗ୍ ରୂପେ ପ୍ରତିପାଦନ କରାଇବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶେଷର କହିଲେ ଅଲ୍ଲାଃତାଲା କରନ୍ତୁ ଆପଣମାନେ କର୍ମକ୍ଷେତ୍ରରେ ଯାଇ କେବଳ ଏହି କଥାକୁ ନିଜ ଡାଇରିରେ ନୋଟ କରି ନରଖନ୍ତୁ ବରଂ ଏହା ଉପରେ ଅମଲ କରିବା ବାଲା ହୁଅନ୍ତୁ । ଏବଂ ଜଣେ ଜଣେ ଅନୁକରଣୀୟ ମୁରବୀ ଓ ମୋବୋଲିଗ୍ ହୋଇଯାଆନ୍ତୁ । ଏବଂ କ୍ରାନ୍ତିକାରୀ କାର୍ଯ୍ୟ କରନ୍ତୁ ଯେଉଁ କାର୍ଯ୍ୟକୁ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ଏ ଯୁଗରେ ପ୍ରେରଣ କରିଛନ୍ତି ଏବଂ ଆପଣମାନେ ଖିଲାଫତେ ଅହେମଦୀୟାର ସଠିକ୍ ବାହୁ ହୋଇପାରିବେ । ଅଲ୍ଲାଃତାଲା ଆପଣମାନଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଏହି ଭାଷଣ ୧୨:୨୫ ପର୍ଯ୍ୟନ୍ତ ଜାରି ଥିଲା । ଏହାପରେ ହଜୁର୍ ଦୁଆ କରାଇଲେ । ଉପରାନ୍ତ ଯାମିଆ ଅହେମଦୀୟା ଜର୍ମାନୀର ସବୁ କ୍ଲାସ୍ ଗୋଟିକ ପରେ ଗୋଟିଏ ଆସି ନିଜ ପ୍ରିୟ ଆକାଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ହାସଲ୍ କଲେ । ଏବର୍ଷ ଉତୀର୍ଣ୍ଣ ହୋଇଥିବା ମୁରବୀମାନଙ୍କ ଫଟୋ ଉଠାଇବା ପରେ ଯାମିଆ ଅହେମଦୀୟାର ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀଙ୍କ ସହିତ ମଧ୍ୟ ଆପଣ ଫଟୋ ଉଠାଇଲେ । ଏହାପରେ ହଜୁର୍ ଜାମିଆ ଅହେମଦୀୟାର ନିମ୍ନଲିଖିତ ଶିକ୍ଷକମାନଙ୍କ ଆବାସସ୍ଥଳୀ ଦେଖିବା ପାଇଁ ଗଲେ । ମୋକରମ୍ ମହମ୍ମଦ୍ ଫାତେହ୍ ନାସିର୍ ସାହେବ୍, ମୋକରମ୍ ହଫିଜୁଲ୍ଲାଃ ଭେରୋନା ସାହେବ୍, ମୋକରମ୍ ହାନିଦ୍ ଇକ୍‌ବାଲ୍ ସାହେବ । ମୋକରମ୍ ରହ୍‌ମତୁଲ୍ଲାଃ ସାହେବ୍ ଓ ମୋକରମ୍ ସୁହେଲ୍ ରିୟାଜ୍ ସାହେବ୍ ଏହି ସବୁ ଶିକ୍ଷକମାନଙ୍କର ଆବାସ ସ୍ଥାନ ଯାମିଆ ଅହେମଦୀୟା ପରିସରର ଗୋଟିଏ ଭାଗରେ ଅବସ୍ଥିତ ।

ଏହାପରେ ହଜୁର୍ ଅନୁଓ୍ୱର୍ ହଲ୍ ଭିତରେ ପଦାର୍ପଣ କଲେ ଯେଉଁଠି ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଯାମିଆ ଅହେମଦୀୟାର ସମସ୍ତ ଶିକ୍ଷାର୍ଥୀ ଏବଂ ଆଜିର ଏହି ଉତ୍ସବରେ ସାମିଲ୍ ହୋଇଥିବା ସମସ୍ତ ଅତିଥିମାନେ ନିଜ ପ୍ରିୟ ଆକାଙ୍କ ସହିତ ଭୋଜନ କଲେ । ହଲ୍‌ର ଗୋଟିଏ ପଟେ ଯାମିଆର କିଚେନ୍ ଷ୍ଟାଫ୍ ଛିଡ଼ା ହୋଇଥିଲେ ଯେଉଁମାନେ ଖାଦ୍ୟ ପ୍ରସ୍ତୁତ କରିଥିଲେ ତାଙ୍କ ସହିତ ହଜୁର୍ ବାର୍ତାଳାପ କଲେ ।

ଯାମିଆ ଅହେମଦୀୟାର ଶିକ୍ଷକ ମୋକରମ୍ ଶମ୍‌ସ ଇକ୍‌ବାଲ୍ ସାହେବ୍ ଙ୍କ ସ୍ତ୍ରୀ ବିଗତ ଦିନ ବହୁତ ବେମାର ହୋଇଯାଇଥିଲେ । ତାଙ୍କର ହାଲତ୍ ଏତେ ଦୟନୀୟ ହୋଇଯାଇଥିଲା ଯେ କୋମାକୁ ଚାଲି ଯାଇଥିଲେ ଏବଂ ତାଙ୍କୁ ଭେଂଟିଲେଟର୍‌ରେ ରଖିବାକୁ ପଡ଼ିଥିଲା ଏବଂ ତାଙ୍କର ଫୁସ୍‌ଫୁସ୍‌ଟି ସମ୍ପୂର୍ଣ୍ଣ କାମ କରିବା ଛାଡ଼ିଦେଇଥିଲା । ଡାକ୍ତର କହିଲେ ଏବେ ତାଙ୍କର ଜୀବନର ଆଶା ଛାଡ଼ିଦେବା ଉଚିତ୍ । ଏହିସବୁ ଘଟଣାର ରିପୋର୍ଟ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଥିଲା । ହଜୁର୍ ଦୁଆ କରାଉଥିଲେ ଏବଂ ତାଙ୍କ କଥା ପଚାରି ବୁଝୁଥିଲେ । ଗୋଟେ ରିପୋର୍ଟରେ ହଜୁର୍ ଲେଖିଥିଲେ ଅଲ୍ଲାଃତାଲା ତାଙ୍କୁ ଚମତ୍କାର୍ ଭାବେ ଲମ୍ବା ବୟସ ପ୍ରଦାନ କରନ୍ତୁ । ହଜୁର୍ ତାଙ୍କ ପାଇଁ ହୋମିଓପାଥିକ୍ ଔଷଧ ମଧ୍ୟ ଲେଖିଦେଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଏହି ସବୁ ଶବ୍ଦଗୁଡିକ ଅକ୍ଷରେ ଅକ୍ଷରେ ପୁର୍ଣ୍ଣ ହେଲା । ମୋକରମ୍ ଶମ୍‌ସ ଇକ୍‌ବାଲ୍ ସାହେବ୍ କହୁଛନ୍ତି ଯେ ଲାଗୁଥିଲା ଯେ ଜୀବନର କୌଣସି ଆଶା ନାହିଁ କିନ୍ତୁ ପ୍ରିୟ ଆକାଙ୍କ ଦୁଆ ଦ୍ୱାରା ଗୋଟିଏ ମହାନ୍ ଚମତ୍କାର ହେଲା । ଦ୍ୱିତୀୟ ଦିନ ଡାକ୍ତର ମୋତେ ଡ଼ାକିଲେ ଏବଂ କହିଲେ ରାତାରାତି ଗୋଟିଏ ଚମତ୍କାର ହୋଇଯାଇଛି ଯେ ଭେଂଟିଲେଟର୍‌ରେ ଥାଇ ମଧ୍ୟ ତାଙ୍କର ଯେଉଁ ସବୁ କାମ କରୁନଥିଲା ଅଚାନକ୍ ସେ ସବୁ କାର୍ଯ୍ୟ କରିବା ଆରମ୍ଭ କରିଦେଲା । ବର୍ତମାନର ଅବସ୍ଥା ଏପରି ଯେ ତିରିଶି ପ୍ରତିଶତ ଫୁସ୍‌ଫୁସ୍ କାମ କରୁଅଛି । କିଛି ଦିନ ପରେ ଡାକ୍ତର କହିଲେ ଏବେ ତାଙ୍କର ଫୁସ୍‌ଫୁସ୍‌ଟି ସମ୍ପୁର୍ଣ୍ଣ କାର୍ଯ୍ୟ କରୁଅଛି । ଏବଂ ଶରୀରରେ ଅକ୍ସିଜେନ୍‌ର ସ୍ଥିତି ୯୮% ଅଛି । ସେଥିଯୋଗୁଁ ଆମେ ବହୁତ ଆଶ୍ଚର୍ଯ୍ୟ । ତାଙ୍କୁ ଭେଂଟିଲେଟର୍‌ରୁ ବାହାର କରାଗଲା ଏବଂ ତାଙ୍କୁ ଘରକୁ ପଠାଇ ଦିଆଗଲା । ଏହିପରି ଅଲ୍ଲାଃତାଲାଙ୍କର ଫଜଲ୍ ଏବଂ କରୁଣାରୁ ଏବଂ ପ୍ରିୟା ଆକାଙ୍କ ଦୁଆ ଦ୍ୱାରା ମୃତ ବ୍ୟକ୍ତି ଜୀବିତ ହୋଇଗଲେ । ଏହାପରେ ହଜୁର୍ ଲଜ୍‌ନା ରହିଥିବା ସ୍ଥାନ ଆଡ଼କୁ ଆସିଲେ ଏବଂ ଶମ୍‌ସ ଇକ୍‌ବାଲ୍ ସ୍ତ୍ରୀ ଙ୍କୁ ଦେଖି କହିଲେ ଏବେ ତ ସମ୍ପୁର୍ଣ୍ଣ ଠିକ୍ ଅଛନ୍ତି ।

ଏହାପରେ ୧:୩୫ ସମୟରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ବଇତୁଲ୍ ଅଜିଜ୍ ଆସି ନମାଜ ଯୋହର୍ ଏବଂ ଅସର୍ ଏକତ୍ର କରି ପଢ଼ାଇଲେ । ଏହାପରେ ମସ୍‌ଜିଦ୍‌ରୁ ବାହାରକୁ ଆସିଲେ । ବାହାରେ ଯାମିଆର ପ୍ରତ୍ୟେକ ଶିକ୍ଷାର୍ଥୀ ରାସ୍ତାର ଗୋଟିଏ ପଟରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ । ହଜୁର୍ ଅତି ସ୍ନେହର ସହିତ ସବୁ ଶିକ୍ଷାର୍ଥୀଙ୍କ ସଙ୍ଗେ ହାତ ମିଳାଇଲେ ଏବଂ କିଛି ଶିକ୍ଷାର୍ଥୀଙ୍କ ସହିତ କଥାବାର୍ତା ମଧ୍ୟ କଲେ । ଏହି ମୌକାରେ ଶିକ୍ଷକମାନେ ମଧ୍ୟ ହାତ ମିଳାଇଲେ । ଏହାପରେ ୨:୨୦ ସମୟରେ ଯାମିଆରୁ ବଇତୁଲ୍ ସବୁହୁ ଫ୍ରାନ୍‌କଫର୍ଟ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ ଓ ୩:୧୦ ସମୟରେ ହଜୁର୍ ବଇତୁଲ୍ ସବୁହୁ ପହଂଚିଲେ ଏବଂ ନିଜ ଆବାସସ୍ଥଳୀକୁ ବିଶ୍ରାମ ନିମନ୍ତେ ଚାଲିଗଲେ ।

## ଫ୍ୟାମିଲି ମୁଲାକାତ୍

ପ୍ରୋଗ୍ରାମ୍ ମୁତାବକ ୬:୧୫ ରେ ହଜୁର୍ ନିଜ ଦଫ୍‌ତର୍‌କୁ ଆସି ଫ୍ୟାମିଲି ମୁଲାକାତ୍ ଆରମ୍ଭ କରାଇଲେ । ଆଜି ସଂନ୍ଧ୍ୟାର ଏହି ସେସନ୍‌ରେ ୩୯ଟି ଫ୍ୟାମିଲିର ୧୪୨ ଜଣ ଲୋକ ଏବଂ ତିନିଜଣ ଅଲଗା ଅଲଗା ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଆଜିର ଏହି ସାକ୍ଷାତ୍ କରିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜର୍ମାନୀର ୨୮ ଟି ଯମାତ୍ ଓ ସହରରୁ ଆସିଥିବା ବ୍ୟକ୍ତି ଓ ଫ୍ୟାମିଲି ବ୍ୟତୀତ ପାକିସ୍ତାନ୍‌ରୁ ଆସିଥିବା ଲୋକମାନେ ମଧ୍ୟ ସାମିଲ୍ ଥିଲେ । ସମସ୍ତେ ହଜୁର୍‌ଙ୍କ ସହିତ ଫଟୋ ଉଠାଇଲେ । ହଜୁର୍ ଅତି ସ୍ନେହର ସହିତ ଶିକ୍ଷାର୍ଥୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ପିଲାମାନଙ୍କୁ ଚକୋଲେଟ୍ ଦେଲେ । ଏହି ସାକ୍ଷାତ୍‌କାର ୮:୩୦ ପର୍ଯ୍ୟନ୍ତ ଜାରି ରହିଥିଲା ।

## ନିକାହାର ଏଲାନ୍

ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ କୁ ଆସିଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ମୋକରମ୍ ହଏଦର୍ ଅଲ୍ଲୀ ଜଫର୍ ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଯ ଜର୍ମାନୀ ହଜୁର୍ ଅନୁଓ୍ୱର୍‌ଙ୍କ ଅନୁମତି କ୍ରମେ ନିମ୍ନଲିଖିତ ୧୨ଟି ନିକାହାର ଏଲାନ୍ କରାଇଲେ ।

(୧) ଅଜିଜା ଆତିକା ଜଫର ସାହିବା ସୁକନ୍ୟା ମୋକରମ୍ ମୋଜଫର୍ ଅହେମଦ୍ ସାହେବ୍‌ଙ୍କ ନିକାହା ଅଜିଜମ୍ ମୋଦସିର୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍ ମନଓ୍ୱର୍ ଅହେମଦ୍ ସାହେବ ଙ୍କ ସହିତ ଧାର୍ଯ୍ୟ କରାଗଲା ।

(୨) ଅଜିଜା ମାରିଆ ଅହେମଦ୍ ସାହେବ୍ ସୁପୁତ୍ରି ମୋକରମ୍ ବଦର୍ ଅହେମଦର ସାହେବ୍ (ୟୁକେ)ଙ୍କ ନିକାହା ଅଜିଜମ୍ ଇରଫାନ୍ ଅହେମଦ୍ ସାହେବ୍ ଆଜମ୍ ସୁପୁତ୍ର ମୋକରମ୍ ଚୌଧୁରୀ ମନଓ୍ୱର୍ ଅହେମଦ୍ ଆଜମ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୩) ଅଜିଜା କଓ୍ୱଁଲ୍ ନାସିର୍ ସାହିବା ସୁପୁତ୍ରୀ ମୋକରମ୍ ନାସର୍ ଅହେମଦ୍ କାହାଲୁଁ ସାହେବ୍‌ଙ୍କ ନିକାହା ଅଜିଜମ୍ ଉମର୍ ମୁବଶିର୍ ସାହେବ୍ ସୁପୁତ୍ର ମୋକରମ୍ ମୋବଶିର୍ ଅହେମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୪) ଅଜିଜା ବାଦିଆ ୟୁସୁଫ୍ ସାହେବ୍ ସୁପୁତ୍ରି ମୋକରମ୍ ରାଜା ମୁହମ୍ମଦ୍ ୟୁସୁଫ୍

ଖାନ୍ ସାହେବଙ୍କ ନିକାହା ଅଜିଜମ୍ ସଫିର ଅହେମଦ୍ ସାହେବ ସୁପୁତ୍ର ମୋକରମ୍ ନସିର୍ ଅହେମଦ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୫) ଅଜିଜା ନମିରା ତାରିକ୍ ସାହିବା ସୁପୁତ୍ରି ତାରିକ୍ ମେହ୍‌ମୁଦ୍ ଅହେମଦ୍ ସାହେବଙ୍କ ନିକାହା ଅଜିଜମ୍ ବୁର୍‌ହାନ୍ ଅହେମଦ୍ ଲୋନ୍ ସାହେବ୍ ସୁପୁତ୍ର ମୋକରମ୍ ଫହିମ୍ ଅହେମଦ୍ ଲୋନ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୬) ଅଜିଜା ଫରିହା ମେହେମୁଦ୍ ସାହିବା ସୁପୁତ୍ରି ମୋକରମ୍ ମେହ୍‌ମୁଦ୍ ଅହେମଦ୍ ସାହେବଙ୍କ ନିକାହା ଅଜିଜମ୍ ହସନ୍ ନଇମ୍ ସାହେବ୍ ସୁପୁତ୍ର ମୋକରମ୍ ନଇମ୍ ଅହେମଦ୍ ସାହେବଙ୍କ ସହିତ ଧାର୍ଯ୍ୟ କରାଗଲା ।

(୭) ଅଜିଜା ରାମିନ୍ ଶେଖ୍ କଲିମ୍ ସାହିବା ସୁପୁତ୍ରି ମୋକରମ୍ ଶେଖ କଲିମ୍ ଅହେମଦ୍ ସାହେବ୍‌ଙ୍କ ନିକାହା ଅଜିଜମ୍ ମାହିର୍ ଅହେମଦ୍ ମୁମ୍‌ତାଜ୍ ସାହେବ ସୁପୁତ୍ର ମୋକରମ୍ ମୁମ୍‌ତାଜ୍ ଅହେମଦ୍ ସାହେବ୍‌ଙ୍କ ସହିତ ନିଶ୍ଚିତ ହେଲା ।

(୮) ଅଜିଜା ଆମିନା ଅଜହର୍ ଖାନ୍ ସାହିବା ସୁପୁତ୍ରି ମୋକରମ୍ ମହମ୍ମଦ୍ ଅତହର୍ ସାହେବଙ୍କ ନିକାହା ଅଜିଜମ୍ ୱ୍ଦୁଦ୍ ରାଶିଦ୍ ଖାନ୍ ସାହେବ୍ ସୁପୁତ୍ର ମୋକରମ୍ ମସୁଦ୍ ଅର୍ସଦ୍ ଖାନ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୯) ଅଜିଜା ମାରିଆ ବତୁଲ୍ ରାଜା ସାହିବା ସୁପୁତ୍ରି ମୋକରମ୍ ରାଜା ତାହେର୍ ମେହ୍‌ମୁଦ୍ ସାହେବଙ୍କ ନିକାହା ଅଜିଜମ୍ ଫରିଦ୍ ଅହେମଦ୍ ତୁର୍ ସାହେବ୍ ସୁପୁତ୍ର ମୋକରମ୍ ରହେମତୁଲ୍ଲାଃ ଶମସ୍ ତୁର୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା ।

(୧୦) ଅଜିଜା ଫାତିମା ତାହିରା ୟୁନୁସ୍ ସାହିବା ସୁପୁତ୍ରି ମୋକରମ୍ ମହମ୍ମଦ୍ ୟୁନୁସ୍ ବେଲୁଚ୍ ସାହେବଙ୍କ ନିକାହା ଅଜିଜମ୍ ଅଦିଲ୍ ବାବର୍ ସାହେବ୍ ସୁପୁତ୍ର ମୋକରମ୍ ବାବର୍ ଜଲାଲ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୧୧) ଅଜିଜା ନାଇମା ଅହେମଦ୍ ତାହିରା ସାହିବା ସୁପୁତ୍ରି ମୋକରମ୍ ଲତିଫ୍ ଅହେମଦ୍ ସାହେବ୍‌ଙ୍କ ନିକାହା ଅଜିଜମ୍ ନୋମାନ୍ ଅହେମଦ୍ ସାହେବ ସୁପୁତ୍ର ମୋକରମ୍ ମୁବଶିର୍ ଅହେମଦ୍ ତାହେର୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

(୧୨) ଅଜିଜା ସିମାବ ଆସିଫ୍ ସାହେବ୍ ସୁପୁତ୍ରୀ ମୋକରମ୍ ଆସିଫ୍ ମେହ୍‌ମୁଦ୍ ସାହେବ୍‌ଙ୍କ ନିକାହ ଅଜିଜମ୍ ଫରହାନ୍ ଦାଉଦ୍ ହାଏଦର୍ ସାହେବ୍ ସୁପୁତ୍ର ମୋକରମ୍ ଦାଉଦ୍ ହାଏଦର୍ ସାହେବଙ୍କ ସହିତ ଅନୁଷ୍ଠିତ ହେଲା ।

ଏହି ସମସ୍ତ ନିକାହା ଗୁଡିକର ଏଲାନ୍ ହେବା ପରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ । ଉପରାନ୍ତ ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ା ସରିବା ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୩ ଏପ୍ରିଲ୍ ୨୦୧୭**

ହଜୁର୍ ପ୍ରତ୍ୟୁଶ ୫:୧୫ ରେ ଆସି ନମାଜ୍ ଫଜର୍ ପଢ଼ାଇଲେ । ନମାଜ ପରେ ନିଜ ରହିବା ସ୍ଥାନକୁ ଚାଲିଗଲେ । ପୁଣି ସକାଳେ ହଜୁର୍ ଦଫ୍‌ତରି କାର୍ଯ୍ୟରେ ଲିପ୍ତ ରହିଲେ ।

**''ଅଲ୍‌ଅଏନ୍'' ମୋବାଇଲ୍ ଆଇ କ୍ଲିନିକ୍‌ର ଉଦ୍‌ଘାଟନ**

ପ୍ରୋଗ୍ରାମ୍ ମୁତାବକ ସକାଳ ୧୦:୨୫ ରେ ହଜୁର୍ ଅଲ୍‌ଅଏନ୍ ମୋବାଇଲ୍ ଆଇ କ୍ଲିନିକ୍‌ରେ ପହଂଚି ଏହାର ନିରିକ୍ଷଣ କଲେ । ଏହାପରେ ଗୋଟିଏ ପଟେ ଲାଗିଥିବା ଫଳକକୁ ଉନ୍ମୋଚନ କରି ଉଦ୍‌ଘାଟନ କଲେ । ପରେ ଦୁଆ କରାଇଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ହ୍ୟୁମାନିଟି ଫାଷ୍ଟ୍ ଜର୍ମାନୀକୁ ଗୋଟିଏ ଆଇ କ୍ଲିନିକ୍ ପ୍ରସ୍ତୁତ କରିବାର କାର୍ଯ୍ୟ ସମ୍ପାଦନ କରିବାକୁ ଦାୟିତ୍ୱ ଦେଇଥିଲେ । ହ୍ୟୁମାନିଟି ଫାଷ୍ଟ୍ ଗୋଟିଏ ଖାଲି ଟ୍ରେଲର୍ ୧୧୦୦୦ ୟୁରୋ ଦେଇ କିଣିଲା । ତା ପରେ ତା ଭିତରେ ସବୁ ପ୍ରକାରର ଜରୁରୀ ମେଡ଼ିକାଲ୍ ଯନ୍ତ୍ର ଲଗାଇଲା । ଏହି କାର୍ଯ୍ୟ ୨୦ ଡ଼ିସେମ୍ବର ୨୦୧୬ ରୁ ଆରମ୍ଭ ହୋଇଥିଲା ଏବଂ ଚାରି ମାସର ଚେଷ୍ଟା ପରେ ଏହି ଆଇ କ୍ଲିନିକ୍‌ଟି ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଗଲା ।

ହଜୁର୍ ଅନୁଓ୍ୱର୍ ଏହି ଆଇ କ୍ଲିନିକ୍‌ର ନାମ ଅଲ୍‌ଅଏନ୍ ରଖିଲେ । ଅଲ୍ଲାଃତାଲାଙ୍କ ଦୟାବଳରେ ତିରିଶି ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ଦିନ ରାତି ଲାଗିଲେ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଏହି କାର୍ଯ୍ୟକୁ ସମ୍ପାଦନ କରି ଶେଷ ପର୍ଯ୍ୟାୟରେ ପହଂଚାଇଲେ ।

ଏହି ମୋବାଇଲ୍ କ୍ଲିନିକ୍‌ରେ ଚାରୋଟି ଘର ତିଆରି ହୋଇଛି । ଗୋଟିଏ ଘର ଡାକ୍ତର ଦେଖାଇବା ପାଇଁ ଯେଉଁଥିରେ ଆଖି ବାବଦରେ ସମସ୍ତ ଅନୁଧ୍ୟାନ କରାଯାଏ । ଏବଂ ଆଉ ଗୋଟିଏ ଘରେ ୱାର୍କସପ୍ କରାଯାଏ । ଏଥିରେ ପ୍ରତ୍ୟେକ ପ୍ରକାରର ଚଷମା ସଙ୍ଗେ ସଙ୍ଗେ ପ୍ରସ୍ତୁତ କରାଯାଏ ଏବଂ ଆବଶ୍ୟକ କରୁଥିବା ଲୋକମାନଙ୍କୁ ଦିଆଯାଏ । ଏହି ଟ୍ରେଲର୍ ଭିତରେ ଯେଉଁ ବିଶେଷତା ଅଛି, ତାହା ହେଉଛି ଅପରେସନ୍ ଥିଏଟର୍ ଯେଉଁଠି ବହୁତ ପରିଚ୍ଛନତା ଓ ଉତମ ପରିବେଶରେ ଆଖିର ଅପରେସନ୍ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଶେଷ କରି ମୋତିଆବିନ୍ଦୁର ଅପରେସନ୍ ବ୍ୟବସ୍ଥା ଏବଂ ଏହି ସମସ୍ତ ଅପରେସନ୍ କରିବାର ଯନ୍ତ୍ରଗୁଡିକ ଜର୍ମାନୀରେ ହେଉଥିବା ଅପରେସନ୍ ସ୍ତରର ମୁତାବକ ଅଟେ । ଏହି ଅପରେସନ୍ ଥିଏଟର୍ ସହିତ ସଂଲଗ୍ନ ଗୋଟିଏ ମଲ୍‌ଟି ଫନ୍‌କସ୍‌ନାଲ୍ କୋଠରୀ ଅଛି । ଯେଉଁଠି ପାଣି ଓ ଅନ୍ୟାନ୍ୟ ସୁବିଧା ରଖାଯାଇଛି ଏବଂ ରୋଗୀଙ୍କ ନିମନ୍ତେ ବେଡ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏଠାରେ ଅପରେସନ୍ ପୁର୍ବରୁ ରୋଗୀଙ୍କୁ ପ୍ରସ୍ତୁତ କରାଯାଏ । ଉଦାହରଣ ସ୍ୱରୁପ ଆନେସ୍ଥେସିଆ ଇତ୍ୟାଦି ଦିଆଯାଏ । ଏହା ଷ୍ଟାଫ୍‌ମାନଙ୍କ ପାଇଁ ଚେଞ୍ଜିଂ ରୁମ୍ ରୁପେ ମଧ୍ୟ ବ୍ୟବହାର କରାଯିବ ଯେଉଁଠି ଅପରେସନ୍ ନିମନ୍ତେ ଷ୍ଟାଫ୍ ପ୍ରସ୍ତୁତ ହେବେ । ଏହି କୋଠରିଟି ରୋଗୀଙ୍କ ନିମନ୍ତେ ପ୍ରି ଅପରେଟିଭ୍ ଓ ପୋଷ୍ଟ୍ ଅପରେଟିଭ୍ କେୟାର୍ ରୁମ୍ ରୁପେ ମଧ୍ୟ ବ୍ୟବହାର ହେବ ।

ଏହି ମୋବାଇଲ୍ କ୍ଲିନିକ୍‌ରେ ସମ୍ପୂର୍ଣ୍ଣ ଆଇ ସାଇଟ୍ ଟେଷ୍ଟ୍‌ର ବ୍ୟବସ୍ଥା କରାଯାଇଛି ଏହି ଟେଷ୍ଟ୍‌ଗୁଡିକ ମାନୁଆଲି ମଧ୍ୟ ହୋଇପାରିବ ଏବଂ ଅଟୋମେଟିକ୍ ମଧ୍ୟ ହୋଇପାରିବ । ସେଥିଯୋଗୁଁ ଏଥିରେ ଅଟୋ ରିଫ୍ରାକ୍ଟର୍ ମିଟର୍ ମଧ୍ୟ ଲଗାଯାଇଛି । କର୍ଣ୍ଣିଆ ଟେଷ୍ଟ୍ କରିବାର ମଧ୍ୟ ବ୍ୟବସ୍ଥା ଅଛି । ଏହା ଛଡ଼ ମୋତିଆର ପରିକ୍ଷଣ, ଅପରେସନ୍ ପରେ ତାହାର ରକ୍ଷଣାବେକ୍ଷଣ, ଆଖି ଘା' ର ଉପଶମ ଏବଂ ପ୍ରତ୍ୟେକ ପ୍ରକାରର ଚଷମା ପ୍ରସ୍ତୁତ କରିବାର ବ୍ୟବସ୍ଥା ମଧ୍ୟ ଏହି କ୍ଲିନିକ୍‌ରେ କରାଯାଇଛି ।

ଏହି ମୋବାଇଲ୍ କ୍ଲିନିକ୍‌ର ପ୍ରସ୍ତୁତିରେ ମୋଟ୍ ୫୫୦୦୦ ୟୁରୋ ଖର୍ଚ୍ଚ ହୋଇଛି । ଏହି ମୋବାଇଲ୍ କ୍ଲିନିକ୍‌ଟି ମାନବ ଜାତିର ସେବା ନିମନ୍ତେ ଆଫ୍ରିକା ଦେଶର ବେନିନ୍‌କୁ ପ୍ରେରଣ କରାଯିବ ।

ହଜୁର୍ ଅନୁଓ୍ୱର୍ ଏହା ମଧ୍ୟ ଇଚ୍ଛା ପ୍ରକାଶ କରିଥିଲେ ଯେ ହ୍ୟୁମାନିଟି ଫାଷ୍ଟ୍ ଜର୍ମନୀ ନିକଟରେ ନିଜର ବୋରିଂ ରିଗ୍ ହେବା ଉଚିତ୍ । ଯଦ୍ୱାରା ଆଫ୍ରିକାରେ ଯେଉଁ ହ୍ୟାଣ୍ଡ୍ ପମ୍ପ୍‌ସ ଓ ନଳକୂପ ଲଗାଇବାର ପ୍ରୋଗ୍ରାମ୍ ଜାରି ଅଛି ସେଥିରେ ଅଧିକ ସାହାଯ୍ୟ ହୋଇପାରିବ ।

ହ୍ୟୁମାନିଟି ଫାଷ୍ଟ୍ ଜର୍ମାନୀକୁ ମର୍ସିଡିଜ୍ ବେଞ୍ଜ୍ ୟୁନିମଗ୍ ବୋରିଂ ରିଗ୍ କ୍ରୟ କରିବା ପାଇଁ ସୌଭାଗ୍ୟ ମିଳିଛି । ଏହି ମେସିନ୍‌ଟି ସମ୍ପୂର୍ଣ୍ଣ ରୂପେ ହାଇଡ୍ରୋଲିକ୍ ଅଟେ । ଏବଂ ୧୫୦ ମିଟର ଗଭୀର ପର୍ଯ୍ୟନ୍ତ ଡ୍ରିଲ୍ କରିପାରିବ । ଏହାର ଆଉ ଗୋଟିଏ ଭଲ ଗୁଣ ଯେ ଏହା ନା ବହୁତ ଛୋଟ ନା ବହୁତ ବଡ଼ ଅଛି । ସେଥିଯୋଗୁଁ ପ୍ରତ୍ୟେକ ସ୍ଥାନକୁ ସହଜରେ ନିଆଯାଇପାରିବ ।

ଏହି ବୋରିଂ ରିଗ୍ ସହିତ ଏକ ବିଶେଷ ଯନ୍ତ୍ର ମଧ୍ୟ ଅଛି । ଉଦାହରଣ ସ୍ୱରୁପ ବିଭିନ୍ନ ପ୍ରକାରର ପାଇପ୍ ଯାହାର ଲମ୍ବ ୧୫୦ ମିଟର । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ଡ୍ରିଲ୍‌ସ ଯାହା ବିଭିନ୍ନ କିସମର ମାଟିରେ ଇସ୍ତେମାଲ୍ କରାଯାଏ । ଏହି ବୋରିଂ ରିଗ୍‌ଟିକୁ ହ୍ୟୁମାନିଟି ଫାଷ୍ଟ୍ ଜର୍ମାନୀ ୩୨୦୦୦ ୟୁରୋରେ କ୍ରୟ କରିଛି । ଯାହାକୁ ଆଫ୍ରିକା ଦେଶଗୁଡିକରେ ନଳକୂପ ଲଗାଇବା ପାଇଁ ବ୍ୟବହାର କରାଯିବ ।

ହ୍ୟୁମାନିଟି ଫାଷ୍ଟ୍ ଜର୍ମାନୀ ଦୁଇଗୋଟି ଆମ୍ବୁଲାନ୍‌ସ ମଧ୍ୟ କିଣିଛି । ସେଥିମଧ୍ୟରୁ ଗୋଟିଏ ଆମ୍ବୁଲାନ୍‌ସ ବାଞ୍ଜୁଲ୍, ଗାମ୍ବିଆ ପଠାଯିବ ଏବଂ ଦ୍ୱିତୀୟ ପଠାଯିବ ଏବଂ ଦ୍ୱିତୀୟଟି ଟୋଗୋ ପଠାଯିବ । ହଜୁର୍ ଏହାକୁ ମଧ୍ୟ ନିରୀକ୍ଷଣ କଲେ ।

ଆଜି ୱାକିଫିନେ ନୌ (ଖୁଦାମ୍) ୱାକିଫାତେ ନୌ (ଲଜ୍‌ନା) ମାନଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଅଲଗା ଅଲଗା ପ୍ରୋଗ୍ରାମ୍ ରଖାଯାଇଥିଲା । ପ୍ରଥମ ପ୍ରୋଗ୍ରାମ୍‌ଟି ୱାକିଫିନେ ନୌ (ଖୁଦାମ୍) ଙ୍କ ସହିତ ଥିଲା ଏବଂ ତାର ବ୍ୟବସ୍ଥା ମସ୍‌ଜିଦ୍ ସହିତ ସଂଲଗ୍ନ ହଲ୍‌ରେ କରାଯାଇଥିଲା ।

**ୱାକିଫିନେ ନୌ (ଖୁଦାମ୍) ଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କର କ୍ଲାସ୍**

୧୧:୩୦ ରେ ହଜୁର୍ ଅନୁଓ୍ୱର୍ ହଲ୍‌ରେ ପଦାର୍ପଣ କଲେ ଏବଂ ୱାକିଫିନେ ନୌ ଖୁଦାମ୍‌ଙ୍କ ସହିତ ପ୍ରୋଗ୍ରାମ୍ ଆରମ୍ଭ ହେଲା । ପ୍ରୋଗ୍ରାମ୍‌ର ଆରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହାକୁ ଅଜିଜମ୍ ହମାଦ୍ ଅହେମଦ୍ ପାଠ କଲେ ଏବଂ ତାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ତୌକିର୍ ଅହେମଦ୍ ସୁହେଲ୍ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ସାଦତ୍ ଅହେମଦ୍ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ହଦିସ୍ ରୁ ଆରବୀ ମତନ ପାଠ କଲେ । ଓ ଅଜିଜମ୍ ଅନ୍‌ସର୍ ଅଫଜଲ୍ ସେହି ହଦିସ୍‌ର ନିମ୍ନଲିଖିତ ଅନୁବାଦକୁ ଉପସ୍ଥାପନ କଲେ ।

**ହଦିସୁନ୍ ନବୀ ସ:ଆ:ସ**

ହଜ୍‌ରତ୍ ସୁହେଲ୍ ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଜଣେ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ଏପରି କୌଣସି କାମ ବତାନ୍ତୁ ଯାହାକୁ କରିବା ଦ୍ୱାରା ଅଲ୍ଲାଃତାଲା ମୋତେ ପ୍ରେମ କରିବେ ଏବଂ ବାକି ସବୁ ଲୋକମାନେ ମଧ୍ୟ ଭଲପାଇବେ । ଆପଣ ସ:ଆ:ସ କହିଲେ ସାଂସାରିକ ମାୟା ମୋହରୁ ଦୁରେଇ ଯାଅ ଓ ଲାଳସାରହିତ ହୋଇଯାଅ । ଫଳତଃ ଅଲ୍ଲାଃତାଲା ତୋତେ ଭଲପାଇବେ । ଯାହାକିଛି ଲୋକମାନଙ୍କ ପାଖରେ ଅଛି ସେ ଇଚ୍ଛାକୁ ପରିତ୍ୟାଗ କର । ଫଳତଃ ଲୋକମାନେ ମଧ୍ୟ ତୁମକୁ ଭଲପାଇବେ । (ଇବ୍‌ନେ ମାଜା ବାବୁଲ୍ ଜୋହଦ୍ ଫିଦ୍ ଦୁନିଆ...ହଦିସ୍ ନଂ-୮୦୩, ପୃଷ୍ଠା-୬୪୦) ଏହାପରେ ଅଜିଜମ୍ ଇମ୍‌ରାନ୍ ଜକା ସାହେବ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଇକ୍‌ତେବାସ୍ ଉପସ୍ଥାପନ କଲେ ।

**ମଲ୍‌ଫୁଜାତ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ''ଖୁଦାତାଲାଙ୍କର କେଉଁମାନେ ଭକ୍ତ ଅଟନ୍ତି । ସେମାନେ ଯିଏ ନିଜ ଜୀବନକୁ ଯାହାକୁ ଅଲ୍ଲାଃତାଲା ଦେଇଛନ୍ତି ତାକୁ ଅଲ୍ଲାଃତାଲାଙ୍କ ରାସ୍ତାରେ ସମର୍ପଣ କରିଦିଅନ୍ତି ଓ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରିଦିଅନ୍ତି ଓ ନିଜର ଧନ ସମ୍ପତିକୁ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରିବା ଅଲ୍ଲାଃଙ୍କର ଫଜଲ୍ ଓ ନିଜର ସୌଭାଗ୍ୟ ବୋଲି ବିବେଚନା କରନ୍ତି । କିନ୍ତୁ ଯେଉଁ ଲୋକମାନେ ସାଂସାରିକ ଧନ ସମ୍ପତି ଏବଂ ଜମିବାଡ଼ିକୁ ନିଜ ଜୀବନର ଲକ୍ଷ୍ୟ ବୋଲି ଭାବନ୍ତି ସେମାନେ ଗୋଟିଏ ସ୍ୱପ୍ନ ଦୃଷ୍ଟିରେ ଦୀନ୍ କୁ ଦେଖନ୍ତି । କିନ୍ତୁ ବାସ୍ତବିକ ମୋମିନ୍ ଓ ସଚ୍ଚା ମୋମିନ୍‌ର ଏ କାର୍ଯ୍ୟ ନୁହେଁ । ସଚ୍ଚା ଇସ୍‌ଲାମ୍ ଏହା ଅଟେ ଯେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଶକ୍ତି ଓ ସାମର୍ଥ୍ୟକୁ ବଂଚିଥିବା ପର୍ଯ୍ୟନ୍ତ ଉତ୍ସର୍ଗ କରିଦେଉ । ଫଳତଃ ସେ ପବିତ୍ର ଜୀବନର ଉତରାଧିକାରୀ ହୋଇଯାଉ । ସୁତରାଂ ଅଲ୍ଲାଃତାଲା ଏହି ଐଶ୍ୱରିକ୍ ୱକଫ୍ ପ୍ରତି ନିର୍ଦ୍ଦେଶ ଦେଇ କହୁଛନ୍ତି ମନ୍ ଅସ୍‌ଲମା ୱଜ୍‌ହହୁ ଲିଲ୍ଲାହେ ୱହୁଅ ମୁହୁସିନୁନ୍ ଫଲହୁ ଅଜରୁହୁ ଇନ୍‌ଦ ରବ୍‌ବିହି ୱଲା ଖଫୁନ୍ ଆଲୈହିମ୍ ୱଲାହୁମ୍ ୟହ୍‌ଜନୁନ୍ (ବକ୍‌ରା-୧୧୩) ଏଠାରେ ଅସ୍‌ଲମା ୱଜ୍‌ହହୁ ଲିଲ୍ଲାହେ ର ଅର୍ଥ ହେଉଛି ଗୋଟିଏ ଅସ୍ଥିତି ଏବଂ ବିନମ୍ରତାର ପୋଷାକ ପିନ୍ଧିକରି ଅଲ୍ଲାଃଙ୍କ ଦରବାରରେ ପଡ଼ିଯାଉ ଏବଂ ନିଜର ଜୀବନ, ଧନ, ସମ୍ମାନ ସୁତରାଂ ଯାହା କିଛି ତା ପାଖରେ ଅଛି ସେ ସବୁକୁ ଖୁଦାଙ୍କ ନିକଟରେ ୱକଫ୍ କରିଦେଉ । ସଂସାର ଏବଂ ତାର ସମଗ୍ର ଜିନିଷ ତା ର ସେବାରେ ଲଗାଇଦେଉ'' । (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୬୪)

ପୁଣି କହୁଛନ୍ତି ''ସାହାବା ମାନଙ୍କର ଜୀବନକୁ ଦେଖିନିଅ । ସେମାନେ ଜୀବନକୁ ପ୍ରେମ କରୁନଥିଲେ । ସବୁ ସମୟରେ ମରିବା ପାଇଁ ପ୍ରସ୍ତୁତ ଥିଲେ । ବୟତ୍‌ର ଅର୍ଥ ହେଉଛି ନିଜକୁ ନିଜଠାରୁ ବିକ୍ରି କରିଦେବା । ଯେତେବେଳେ ମଣିଷ ନିଜ ଜୀବନକୁ ୱକ୍‌ଫ କରିଦିଏ ତେବେ ପୁଣି ସାଂସାରିକ ଚର୍ଚ୍ଚାକୁ ମଝିରେ କାହିଁକି ଆଣୁଛି'' । (ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୫୦୪)

ପୁଣି କହିଲେ ''ସାହାବା ମାନଙ୍କର ସମ୍ପର୍କ ତ ମଧ୍ୟ ଦୁନିଆ ସହିତ ଥିଲା, ଜମିବାଡ଼ି ସହିତ ଥିଲା, ଧନ ଥିଲା, ସ୍ତ୍ରୀ ଥିଲେ କିନ୍ତୁ ସେମାନଙ୍କ ଜୀବନରେ କିପରି ବିପ୍ଳବ ଆସିଲା ଯେ ସବୁକିଛି ଏକାଥରକେ ଛାଡ଼ିଦେଇ ଏ ଫଇସଲା କରିନେଲେ ଯେ କୁଲ୍ ଇନ୍‌ନା ସଲାତି ୱ ନୁସୁକି ୱ ମହ୍‌ୟାୟା ୱ ମମାତି ଲିଲ୍ଲାହି ରବ୍‌ବିଲ୍ ଆଲ୍‌ମିନ୍ ଅର୍ଥାତ୍ ଆମର ସବୁକିଛି ଅଲ୍ଲାଃତାଲାଙ୍କ ପାଇଁ । ଯଦି ଏହିପ୍ରାର ଲୋକମାନେ ଆମ ପାଖରେ ସୃଷ୍ଟି ହୋଇଯିବେ । ତେବେ କେଉଁପ୍ରକାର ଆକାଶୀୟ ବର୍‌କତ୍ ଏହାଠାରୁ ଉତମ ହେବ'' । (ଅଲ୍‌ହକମ୍ ଖଣ୍ଡ-୭, ପୃଷ୍ଠା-୨୪, ତା-୩୦ ଜୁନ୍ ୧୯୦୩)

**ମନ୍‌ଜୁମ୍ କଲାମ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ର:ଅ**

ଏହାପରେ ଅଜିଜମ୍ ହନାନ୍ ଅହେମଦ୍ ବାଜୁଆ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାଲିସ୍ ଙ୍କ ନିମ୍ନଲିଖିତ ମନ୍‌ଜୁମ୍ କଲାମ୍ ପଢ଼ି ଶୁଣାଇଲେ ।

*ଦୁନିଆ କେ କାମ୍ ବେଶକ୍*
*କର୍‌ତା ରହୁଙ୍ଗା ମୈ ଭି*
*ଲେକିନ୍ ମୈଁ ଜାନ୍ ଓ*
*ଦିଲ୍‌ସେ ଉସ୍ ୟାର୍ କା ରହୁଙ୍ଗା*
*ବରକି ଖୟାଲ୍ ଦିଲ୍ ମୈ,*
*ସର୍ ମେ ରହେଗା ସୌଦା*
*ଉସ୍ ୟାର୍ କୋ ମୈଁ ଭୁଲୁଁ,*
*ଇତ୍‌ନା ନା ମହୁ ହୁଙ୍ଗା*
*ଚମ୍‌କୁଙ୍ଗା ମୈଁ ଫଲକ୍ ପର୍,*
*ଯୈ ସେ ହୋ କୋଇ ତାରା*
*ଭୁଲୋଁ କୋ ରାହ୍ ପେ ଲାୱେ,*
*ଐସି ମେଁ ଶମା ହୁଙ୍ଗା*
*ସୁରଜ୍ କି ରୌଶନି ଭି*
*ମଦ୍‌ହମ୍ ହୋ ଜିସ୍ କେ ଆଗେ*
*ଏସା ହି ନୁର୍ ହସିଲ୍*
*ଉସ୍ ନୁର୍ ସେ କରୁଙ୍ଗା*
*ସାରେ ଓଲୁମ୍ କା ହାଁ ମମ୍ବା*
*ହୈ ଜାତ ଜିସ୍‌କି*
*ଉସ୍ ସେ ମୈଁ ଇଲମ୍ ଲେକର୍*
*ଦୁନିଆକୁ ଆଗେ ଦୁଂଗା*
*ଜୋ କୁଛ୍ କହୁଁ ଜୁବାଁ ସେ,*
*ନାସିର ୱହ୍ କର୍ ଦିଖାଉଁ*
*ହୋ ରହମ୍ ଆଏ ଖୁଦାୟା !*
*ତା ତେରେ ଫଜଲ୍ ପାଉଁ*

ଏହାପରେ ମୋକରମ୍ ସୟଦ୍ ହସ୍‌ନାତ୍ ଅହେମଦ୍ ସାହେବ (ୱାକ୍‌ଫେ ନୌ ଖାଦିମ୍) ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ''ୱାକିଫିନେ ନଓ କି ଜିମେଦାରିଆଁ'' ବିଷୟ ଉପରେ ହଜୁର୍ ଅନୁୱର୍‌ଙ୍କ ଆଦେଶ ଗୁଡିକ ଉପରେ ଆଧାରିତ ନିମ୍ନଲିଖିତ ମଜ୍‌ମୁନ୍ ଉପସ୍ଥାପନ କଲେ ।

**ୱାକିଫିନେ ନୌ କି ଜିମେଦାରିଆଁ**

ପ୍ରିୟ ଆକା ଆଜି ଏହି କ୍ଲାସ୍‌ରେ ଏପରି ଖିଲାଫତ୍‌ର ସେବକ ୱାକିଫିନେ ନୌ ମାନେ ଉପସ୍ଥିତ ଅଛନ୍ତି ଯେଉଁମାନେ ୧୫ ବର୍ଷ ବୟସରେ ତଜ୍‌ଦିଦ୍ ୱକ୍‌ଫ ପରେ ନିଜ ଶିକ୍ଷାର ଶେଷରେ ବା ଶେଷ ଷ୍ଟେଜ୍‌ରେ ନିଜକୁ ୱକ୍‌ଫ ନିମନ୍ତେ ଉପସ୍ଥାପନ କରି ପୁନର୍ବାର ତଜ୍‌ଦିର୍‌ରେ ୱକ୍‌ଫ କରିଛନ୍ତି ଏବଂ ନିଜକୁ ଯୁଗ ଖଲିଫାଙ୍କୁ ଗୋଚରେ ଉପସ୍ଥାପନ କରି ଏ କଥାରେ ଅହେଦ୍ କରିଛନ୍ତି ଯେ ପ୍ରିୟ ଆକା ଯେଉଁଠାରେ ମଧ୍ୟ ଆମକୁ ଖିଦ୍‌ମତ୍ କରିବା ପାଇଁ ମୌକା ଦେବେ ଆମେ ଖୁସିର ସହିତ ସୌଭାଗ୍ୟ ବୋଲି ଭାବିବୁ । ପ୍ରିୟ ଆକାଙ୍କ ନିକଟରେ ଦୁଆ କରିବା ପାଇଁ ପ୍ରାର୍ଥନା କରୁଅଛୁ ଯେ ଖୁଦାତାଲା ଆମର ଏହି ବଳିଦାନକୁ କେବଳ ନିଜର କରୁଣା ସହିତ ଗ୍ରହଣ କରନ୍ତୁ ଏବଂ ଆମ ସମସ୍ତଙ୍କୁ ଗ୍ରହଣୀୟ ସେବା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ପ୍ରିୟ ୱାକିଫିନେ ନୌ ଭାଇମାନେ ! ଏହା ଆମର ସୌଭାଗ୍ୟ ଅଟେ ଯେ ଆମ ମା' ବାପାମାନେ ୱକ୍‌ଫେ ନୌ ତହ୍‌ରିକ୍‌ର ପ୍ରାରମ୍ଭରେ ହିଁ ଆମମାନଙ୍କୁ ଏହି ପବିତ୍ର ତହ୍‌ରିକ୍ ନିମନ୍ତେ ପେଶ୍ କଲେ । ପୁଣି ଆମର ତର୍‌ବିୟତ ଏପରି କଲେ ଯେ ଆଜି ଆମେ ନିଜକୁ ୱକ୍‌ଫ୍ କରିବା ପାଇଁ ଉପସ୍ଥାପନ କରୁଅଛେ । ପୁଣି ଆମେ କେତେ ସୌଭାଗ୍ୟବାନ୍ ଯେ ଯୁଗ ଖଲିଫା ଆମକୁ ପାଦେ ପାଦେ ମାର୍ଗ ଦର୍ଶନ କରାଉଛନ୍ତି । ଫଳତଃ ଆମେ କର୍ମ କ୍ଷେତ୍ରରେ ସେବା କରିବା ପାଇଁ ପ୍ରସ୍ତୁତ ହୋଇସାରିଛେ । ସୟଦ୍‌ନା ଓ ଇମାମେନା ପ୍ରିୟ ଆକା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଥରେ ଗୋଟିଏ ବାର୍ତାରେ କହୁଛନ୍ତି-

''ପ୍ରତ୍ୟେକ ୱକ୍‌ଫେ ନୌ ଯେଉଁମାନେ ବାସ୍ତବିକ ୱକ୍‌ଫ କରି ଆମ ନେଜାମ୍‌ରେ ସାମିଲ୍ ହେଉଛନ୍ତି ବା ନୁହେଁ ଅର୍ଥାତ୍ ଯମାତ୍‌ର ସାରାଜୀବନ କର୍ମୀ ହୋଇ କାମ କରୁଛନ୍ତି ବା ନୁହେଁ । ସେହି ୱକ୍‌ଫେ ଜିନ୍ଦେଗିର ପ୍ରତ୍ୟେକ କଥା ଓ ପ୍ରତ୍ୟେକ କାର୍ଯ୍ୟ ୱକ୍‌ଫେ ଜିନ୍ଦେଗୀର ଉଚ୍ଚ ସ୍ତରର ମୁତାବିକ୍ ହେବା ଉଚିତ୍ । ତା ମଧ୍ୟରୁ ସବୁଠାରୁ ବଡ଼ ଜିନିଷ ହେଉଛି ତକ୍‌ୱା । ଏହାକୁ ସର୍ବଦା ନିଜ ଆଖି ଆଗରେ ରଖିବା ଉଚିତ୍ ଯେ କିପରି ଆମେ ତକ୍‌ୱା ଉପରେ କାଏମ୍ ରହିବା ଏବଂ ପ୍ରତ୍ୟେକ କାର୍ଯ୍ୟକୁ ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ କରିବା ।... ବିଶେଷ କରି ଏହି ସମାଜରେ ଯେଉଁଠି ସ୍ୱାଧୀନତାର ଡଙ୍କା ପିଟା ହେଉଛି ଏବଂ ସ୍ୱାଧୀନତା ନାମରେ ଚରିତ୍ରହୀନ କାର୍ଯ୍ୟକଳାପ ଦୃଷ୍ଟିଗୋଚର ହେଉଛି ଏହି ସବୁ ଜିନିଷରୁ ଆମେ ନିଜକୁ ପ୍ରତ୍ୟେକ କ୍ଷେତ୍ରରୁ ବଂଚାଇ ରଖିବା ଉଚିତ୍ ଏବଂ ଗୋଟିଏ ନମୁନା କାଏମ୍ କରିବାକୁ ହେବ । ଫଳତଃ ଅନ୍ୟ ଯୁବକମାନେ ଓ ପିଲାମାନେ ମଧ୍ୟ ଆମକୁ ଦେଖି ଆମର ଅନୁକରଣ କରିପାରିବେ । ଏହିପରି ଆମେ ପ୍ରତ୍ୟେକ ଅହେମଦୀ ପିଲା ଓ ଯୁବକଙ୍କ ପାଇଁ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ସେମାନଙ୍କର ଇସ୍‌ଲାହା କରିବାର କାର୍ଯ୍ୟ ସମ୍ପାଦନ କରିପାରିବା । ତେଣୁ ଏହି କଥାକୁ ଆମେ ସର୍ବଦା ମନେରଖିବା ଉଚିତ୍ ଯେ ଆମେ ଆମର ଜୀବନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଓ ଉଦଦେଶ ମୁତାବକ ଏବଂ ପ୍ରକୃତ ଇସ୍‌ଲାମୀ ନମୁନା ଅନୁସାରେ ବିତାଇବା ଏବଂ ଏ ସବୁ ସେତେବେଳେ ସାକାର ହେବ ଯେତେବେଳେ ଆପଣମାନେ ସର୍ବଦା ଖିଲାଫତ୍ ସହିତ ପ୍ରେମର ସମ୍ପର୍କ ରଖିବେ ଏବଂ ଖଲିଫାଙ୍କର ସବୁ ଉପଦେଶ ଗୁଡିକ ଉପରେ ଭରପୁର୍ ଚେଷ୍ଟା କରିବେ । ଯଦି ଆପଣ ଏପରି କରିନେବେ ତେବେ ଆପଣ ଏହି ଅହଦ୍ କୁ ପାଳନ କରିବା ବାଲା ହୋଇପାରିବେ ଯାହାକୁ ଆପଣମାନେ ଖୁଦାତାଲାଙ୍କ ସହିତ

କରିସାରିଛନ୍ତି ବା ଆପଣମାନଙ୍କ ମା' ବାପାମାନେ ଆପଣଙ୍କ ଜନ୍ମ ପୂର୍ବରୁ ଆପଣମାନଙ୍କୁ ୱକ୍‌ଫ୍ କରି କରିସାରିଛନ୍ତି''। (ହଜୁର୍ ଅକ୍‌ଦସ୍‌ଙ୍କ ବାର୍ତା ତ୍ରୈମାସିକ ପତ୍ରିକା ଇସ୍‌ମାଇଲର ଶୁଭାରମ୍ଭ ସମୟରେ ଅଙ୍କ-୧, ଏପ୍ରିଲ-ଜୁନ୍ ୨୦୧୨, ପୃଷ୍ଠା-୫-୬)

ଏହିପରି ହଜୁର୍ ଅନୁୱର୍ ଅ:ବ:ଅ ଗୋଟିଏ ଭାଷଣରେ ଜଣେ ୱାକିଫେ ନୌ ର ବିଶେଷତ୍ୱ ବର୍ଣ୍ଣନା କରି କହିଲେ ''ସମସ୍ତ ୱାକିଫେ ନୌ ମାନଙ୍କର ଏକ ଦାୟିତ୍ୱ ଅଛି ଯେ ସେ ନିଜର ସବୁଦିନିଆ ଜିବନକୁ ଏପରି କର୍ମମୟ କରିଦେଉ ଯେ ଯାହା ଖୁଦାତାଲାଙ୍କ ମାର୍ଗରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିର ଅନୁରୂପ ହେବା ଉଚିତ୍। ସେଥିପାଇଁ ଆବଶ୍ୟକ ଅଟେ ଯେ ଆପଣମାନେ ଚେଷ୍ଟା କରି ଚାଲନ୍ତୁ ଓ ଆପଣମାନେ ଖୁଦାତାଲାଙ୍କର ସାନିଧ ହାସଲ କରି ଚାଲନ୍ତୁ। ପ୍ରତ୍ୟେକ ଦିନ ହଜ୍‌ରତ୍ ମହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ପ୍ରେମରେ ଆପଣମାନେ ଉନ୍ନତି କରି ଚାଲନ୍ତୁ। ତତ୍ ସହିତ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସହିତ ମଧ୍ୟ ଯଥା ସମ୍ଭବ ପ୍ରେମ ଓ ଖିଲାଫତ୍‌ର ସମ୍ପୂର୍ଣ୍ଣ ଅଧିନରେ ଆପଣମାନଙ୍କ ଜୀବନ ବିତୁ। ନିଜାମେ ଯମାତ୍ ଆପଣଙ୍କ ଦୃଷ୍ଟିକୋଣରେ ଓ ଆପଣଙ୍କ ଜୀବନରେ ଅନ୍ୟ ସବୁ ଜିନିଷଠାରୁ ପ୍ରିୟ ହେଉ। ସେତେବେଳେ ଆପଣମାନଙ୍କ ମଧ୍ୟରେ ଏ ବିଶେଷତ୍ୱ ଗୁଡିକ ଜନ୍ମ ନେବ ଯେତେବେଳେ ଆପଣମାନେ ୱକ୍‌ଫେ ନୌ ର ମହାନ୍ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ପାରିବେ। ଯେପରି ମୁଁ ପ୍ରଥମେ କହିସାରିଛି ଯେ ଆପଣମାନେ ନିଜ ଜୀବନକୁ ଏପରି ଗଢ଼ି ନିଅନ୍ତୁ ଯାହାର ଆଶା ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଆମଠାରୁ କରୁଅଛି। ଯେତେବେଳେ ଆପଣ ଛିଡ଼ା ହେବେ ବା ବସିଥିବେ ବା କୌଣସି ସଭାରେ ଥିବେ ବା କେଉଁଠାରେ ଚଲାବୁଲା କରୁଥିବେ ଆପଣମାନଙ୍କର ଚାଲିଚଳଣ ଅନ୍ୟମାନଙ୍କ ଠାରୁ ଭିନ୍ନ ଓ ଉତମ ହେବା ଉଚିତ୍ ନଚେତ୍ ଲୋକମାନେ ଆପଣଙ୍କ ଉପରକୁ ଅଙ୍ଗୁଳି ଉଠାଇ କହିବେ ଯେ ଏହି ୱାକିଫେ ନୌ ର ଚରିତ୍ର ଓ କାର୍ଯ୍ୟ ଠିକ୍ ନୁହେଁ''। (ଖେତାବ୍ ସାଲାନା ଇଜ୍‌ତିମା ୱାକିଫି ନୌ ୟୁକେ ୨୬ ଫେବୃୟାରୀ ୨୦୧୧)

ପୁଣି କହିଲେ ''ଆପଣମାନେ ସବୁବେଳେ ନିଜର ୱକ୍‌ଫେ ନୌ ର ଅହଦ୍ (ଶପଥ)କୁ ମନେରଖ ଯେ ଏ ଶପଥ ଖୁଦାତାଲାଙ୍କ ସହିତ କରିଅଛ ଯିଏ ସର୍ବଜ୍ଞ ଅଟେ। ତା ଠାରୁ କିଛି ଲୁଚାଇ ରଖିହେବ ନାହିଁ। ସେ ଆପଣଙ୍କର ସବୁ କାର୍ଯ୍ୟକୁ ଦେଖୁଛନ୍ତି। ଏଥିରେ କୌଣସି ଶଙ୍କା କରିବା ଉଚିତ୍ ନୁହେଁ ଯେ ଆପଣମାନେ ଯେଉଁ ଶପଥ କରିଛନ୍ତି ଅଲ୍ଲାଃତାଲା ସେ ବାବଦରେ ହିସାବ ନେବେ। ଏହା ଏକ ବହୁତ ବଡ଼ ଦାୟିତ୍ୱ ଅଟେ ଯାହା ୱାକିଫି ନୌ ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେଥିପାଇଁ ଏହି ଶପଥକୁ ପୁରା କରିବା ପାଇଁ ଆପଣମାନେ ଏହାର ଗୁରୁତ୍ୱ ଏବଂ ପ୍ରକୃତ ଅର୍ଥକୁ ବୁଝିବା ଉଚିତ୍। ଆପଣମାନଙ୍କ ମଧ୍ୟରୁ ବହୁତ ଖୁବ୍ ଶିଘ୍ର କର୍ମକ୍ଷେତ୍ରରେ ପାଦ ରଖିବାକୁ ଅଛନ୍ତି ବା ରଖିସାରିଛନ୍ତି ବା ଜମାତ୍ ପାଇଁ କାର୍ଯ୍ୟ କରିବା ଆରମ୍ଭ କରିବେ ବା କରିସାରିଛନ୍ତି। ସେଥିଯୋଗୁ ଆପଣଙ୍କ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଆପଣମାନେ ଦୈନିକ ନିଜର ଅନୁଧ୍ୟାନ କରନ୍ତୁ ଏବଂ ଦେଖି ନିଅନ୍ତୁ ଯେ କଣ ଆପଣମାନେ ପ୍ରକୃତରେ ନିଜ ଶପଥକୁ ପୁରା କରୁଛନ୍ତି? କଣ ଆପଣମାନେ ଅଲ୍ଲାଃତାଲାଙ୍କ ନିକଟତର ହେଉଛନ୍ତି? ଏବଂ ତକ୍‌ୱାର ମାର୍ଗରେ ପରିଚାଳିତ ହେଉଛନ୍ତି? ଯଦି ଏହି ପ୍ରଶ୍ନର ଉତର ନାହିଁ ତେବେ ଯମାତ୍‌କୁ ଆପଣମାନଙ୍କର ୱକ୍‌ଫେ ନୌ ହେବାଦ୍ୱାରା କୌଣସି ଲାଭ ହେବନାହିଁ''। (ଖିତାବ୍ ସାଲାନା ଇଜିତେମା ୱାକିଫେ ନୌ ୟୁ.କେ ୬-ମଇ ୨୦୧୨)

ପ୍ରିୟ ଭାଇମାନେ! ଏହା ଆମପାଇଁ ବଡ଼ ସୌଭାଗ୍ୟପୂର୍ଣ୍ଣ ଅବସର ଅଟେ ଯେ ଆମର ପ୍ରିୟ ଆକା ଆମ ସହିତ କ୍ଲାସ୍‌ରେ ଉପସ୍ଥିତ ଅଛନ୍ତି। ଆମକୁ ଏପରି ମାର୍ଗଦର୍ଶନ କରାଉଛନ୍ତି ଯାହା ଉପରେ ଅମଲ କରି ଆମେ ଭବିଷ୍ୟତରେ ନିଜର ଗୁରୁ ଦାୟିତ୍ୱକୁ ତୁଲାଇବା ପାଇଁ ସମର୍ଥ ହୋଇପାରିବା। ହଜୁର୍ ଅ:ବ:ଅ ଗୋଟିଏ ଭାଷଣରେ ଏହିପରି ଉଦଦେଶ ଦେଇ କହୁଛନ୍ତି-

''ବର୍ତମାନ ସମୟରେ ଇସ୍‌ଲାମ୍ ଉପରେ ଚାରିଆଡୁ ଆକ୍ରମଣ ହେଉଅଛି ଓ ଇସ୍‌ଲାମ୍ ବିରୋଧରେ ବହୁତ କିଛି କୁହାଯାଉଛି ଓ ଲେଖାଯାଉଅଛି। ଏହିପରି ଘଡ଼ି ସନ୍ଧି ମୁହୂର୍ତରେ ଆପଣମାନଙ୍କୁ ଇସ୍‌ଲାମ୍‌ର ସୁରକ୍ଷା ପାଇଁ ଉଠି ଛିଡ଼ା ହେବା ଉଚିତ୍। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଇସ୍‌ଲାମୀୟ ଶିକ୍ଷାର ସୁରକ୍ଷା ନିମନ୍ତେ ଭରପୁର୍ ଚେଷ୍ଟା କରିବା ଉଚିତ୍ କିନ୍ତୁ ଜଣେ ୱାକିଫେ ନୌ ର କାର୍ଯ୍ୟ ଅନ୍ୟଠାରୁ ବଳି ଭିନ୍ନ ହେବା ଆବଶ୍ୟକ। ଏହାର କାରଣ ହେଉଛି ୱାକିଫିନେ ନୌ ପିଲାମାନଙ୍କର ମା' ବାପାମାନେ ଏ ଶପଥ କରିଥିଲେ ଯେ ସେମାନଙ୍କ ପିଲାମାନଙ୍କର ଜୀବନ ପ୍ରତିକ୍ଷଣ ଇସ୍‌ଲାମ୍‌ର ସେବା ପାଇଁ ଉତ୍ସର୍ଗ ହେବ। ଏବଂ ପୁଣି ପନ୍ଦର ବର୍ଷ ବୟସରେ ପହଂଚିବା ପରେ ଆପଣମାନେ ନିଜର ଏହି ଶପଥକୁ ତଜ୍‌ଦିଦ୍ କରିଛନ୍ତି ଯେ ପ୍ରତିକ୍ଷଣ ଆମ୍ଭେ ଦୀନ୍ ର ସେବାରେ ବିତାଇବୁ। ତେଣୁ ନିଜର ଏହି ଶପଥକୁ ପୁରା କରି ନିଜର ଦାୟିତ୍ୱକୁ ବୁଝନ୍ତୁ। ଏହି ପାଶ୍ଚାତ୍ୟ ସମାଜରେ ଯେଉଁଠି ଆପଣମାନେ ରହୁଛନ୍ତି ଆପଣମାନେ ନିଜକୁ ଆଲୋକର ଏପରି କିରଣ ରୂପେ ନିର୍ମାଣ କରିନିଅନ୍ତୁ ଯେଉଁଥିରେ ସାଂସାରିକ ଲୋଭ, ମାୟା, ମୋହ ଓ ସାଂସାରିକ ଖେଳ ତାମସାର କୌଣସି ଅଣୁ ବାକି ନ ରହିବ ବରଂ ବାସ୍ତବରେ ନିଜକୁ ଆଧାତ୍ମିକ ଜ୍ୟୋତି ଦ୍ୱାରା ପ୍ରଜ୍ୱଳିତ କରାଇ ଅନ୍ୟକୁ ରାସ୍ତା ଦେଖାଇବାର ଉତ୍ସ ହୁଅନ୍ତୁ।

ମୁଁ ଦୁଆ କରୁଛି ଯେ ଏହି ଜ୍ୟୋତି ଆପଣ ସମସ୍ତଙ୍କ ଜୀବନରେ ପ୍ରକଟ ହେଉ। ଯଦି ଆପଣମାନଙ୍କୁ ଏଥିରେ ସଫଳତା ହାସଲ ହୋଇଯିବ ତେବେ ଇନ୍‌ଶା ଆଲ୍ଲାଃ ଓ ତାଲା ଆପଣମାନେ ମୋର ଏବଂ ଆସନ୍ତା ଖଲିଫା ମାନଙ୍କର ଚିନ୍ତାକୁ ଦୁର କରିବା ବାଲା ହୋଇଯିବେ କାରଣ ଦୀପ ରୁ ଦୀପ ଜଳି ଚାଲେ ଅର୍ଥାତ୍ ନମୁନାକୁ ଦେଖି ଅନୁକରଣ କରାଯାଏ। ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ବଡ଼ ସେମାନେ ୱାକିଫିନ୍ ନୌ ତହ୍‌ରିକ୍‌ର ପ୍ରଥମ ଫସଲ ଅଟ ତେଣୁ ଏହା ଆପଣଙ୍କ ଉପରେ ଅଛି ଯେ ଆପଣ କିପରି ନମୁନା କାଏମ୍ କରିବେ। ମୁଁ ଆପଣଙ୍କୁ କହିବାକୁ ଚାହୁଁଛି ଯେ ଆଗକୁ ବଢ଼ି ଚାଲନ୍ତୁ। ଏବଂ ପୁଣ୍ୟ ମାର୍ଗ ପ୍ରସ୍ତୁତ କରିବା କାଏଦ୍ ହୋଇଚାଲନ୍ତୁ। ଆପଣମାନେ ଯେ କୌଣସି କର୍ମ କ୍ଷେତ୍ରରେ ହୁଅନ୍ତୁ ନା କାହିଁ, ମୁରବୀ ହୁଅନ୍ତୁ, ଡାକ୍ତର ହୁଅନ୍ତୁ, ଶିକ୍ଷକ ହୁଅନ୍ତୁ, ଐତିହାସିକ ହୁଅନ୍ତୁ, ସମାଜ ବିଜ୍ଞାନୀ ହୁଅନ୍ତୁ, ବୈଜ୍ଞାନିକ ହୁଅନ୍ତୁ ବା ଯେ କୌଣସି କର୍ମ କ୍ଷେତ୍ରରେ କାର୍ଯ୍ୟ କରନ୍ତୁ ନା କାହିଁକି ଆପଣମାନେ ଉତମ କାର୍ଯ୍ୟର ଜ୍ୟୋତି ଦେଖାଇ ଚାଲନ୍ତୁ। ଏପରି ନମୁନା ଦେଖାନ୍ତୁ ଯେ ନା କେବଳ ଆପଣମାନଙ୍କର ବର୍ତମାନ ପିଢ଼ୀ ବରଂ ଆଗକୁ ଆସୁଥିବା ପିଢ଼ୀ ମଧ୍ୟ ଆପଣମାନଙ୍କ ପାଇଁ ଦୁଆ କରିବେ। ଅଲ୍ଲାଃତାଲା ଆପଣମାନଙ୍କୁ ଏହି ସବୁ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାକୁ ଶକ୍ତି ପ୍ରଦାନ କରନ୍ତୁ''। (ଖିତାବ୍ ସାଲାନା ଇଜିତେମା ୱାକ୍‌ଫିନେ ନୌ ୟୁ.କେ ୨୬-ଫେବୃଆରୀ-୨୦୧୧)

## ମଜ୍‌ଲିସ୍ ସୱାଲ୍ ଜୱାବ୍
## (ପ୍ରଶ୍ନ ଉତର)

ଏହାପରେ ହଜୁର୍ ଅନୁୱର୍ ୱାକିଫିନେ ନୌ ଖୁଦାମ୍ ମାନଙ୍କୁ ପ୍ରଶ୍ନ କରିବା ପାଇଁ ଅନୁମତି ଦେଲେ।

ଜଣେ ୱାକିଫେ ନୌ ପ୍ରଶ୍ନ କଲେ ଯେ ଇସ୍‌ଲାମ୍ ଉପରେ ଆରୋପ ଲଗାଉଥିବା ବ୍ୟକ୍ତିମାନେ ପବିତ୍ର କୋରାନ୍‌ର ଯେଉଁ ଆୟତରେ ଯୁଦ୍ଧ ବାବଦରେ ଚର୍ଚ୍ଚା ହୋଇଛି ତା ଉପରେ ଯେତେବେଳେ ଆରୋପ ଲଗାଉଛନ୍ତି ସେତେବେଳେ ଆମେ ତାଙ୍କୁ ଏ ଉତର ଦେଉଛୁ ଯେ ଏହି ଆୟତ ସେତେବେଳେ ଅବତୀର୍ଣ୍ଣ ହୋଇଥିଲା ଯେତେବେଳେ କୁଫାରେ ମକ୍କା ମୁସଲମାନଙ୍କ ଉପରେ ବହୁତ ଅତ୍ୟାଚାର କରୁଥିଲେ। ଏବଂ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଓ ଅନ୍ୟ ମୁସଲ୍‌ମାନ୍ ମାନଙ୍କୁ ମକ୍କାରୁ ବାହାର କରିଦେଲେ ଏବଂ ପୁଣି ମଦିନାରେ ମଧ୍ୟ ଯାଇ ଶାନ୍ତିରେ ରହିବାକୁ ଦେଲେ ନାହିଁ ତେବେ ଯାଇ ଅଲ୍ଲାଃତାଲା ନିଜର ସୁରକ୍ଷା ପାଇଁ (ଯୁଦ୍ଧ କରିବା) ଅନୁମତି ପ୍ରଦାନ କଲେ। ସେତେବେଳେ ଏ ଆୟତ ଅବତୀର୍ଣ୍ଣ ହୋଇଥିଲା। ଏହା ଶୁଣି ସେମାନେ କହୁଛନ୍ତି ଯେ ଆପଣମାନେ ତ ଏ ଦାବି କରୁଛନ୍ତି ଯେ ପବିତ୍ର କୋରାନ୍‌ର ଶିକ୍ଷା ସବୁ ଯୁଗ ପାଇଁ ଏବଂ ଆଜି ମଧ୍ୟ କୋରାନ୍‌ର ଶିକ୍ଷା ଦୈନିକ କାର୍ଯ୍ୟକ୍ରମ ବିଷୟରେ ମାର୍ଗଦର୍ଶନ କରୁଅଛି। ତେବେ ଏପରି ପରିସ୍ଥିତିରେ ଏହି ଆୟତ ଗୁଡିକ ଆଜିକାଲିର ଜିବନ ସହିତ କଣ ସମ୍ପର୍କ ଅଛି?

ଏ ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପ୍ରଥମ କଥା ହେଉଛି ଯେଉଁମାନେ ଇସ୍‌ଲାମ୍ ଉପରେ ଆରୋପ ଲଗାଉଛନ୍ତି ସେମାନଙ୍କୁ କହିଦିଅ ଯେ ପବିତ୍ର କୋରାନ୍‌ରେ ଦୁଇହଜାରରୁ ଅଧିକ ଆୟତ ଅଛି ଯେଉଁଥିରେ ଜେହାଦ୍ ବିଷୟରେ କିଛି ନା କିଛି ଚର୍ଚ୍ଚା ହୋଇଛି। ପ୍ରଥମତଃ ଜେହାଦ୍ ଓ ହତ୍ୟା ମଧ୍ୟରେ ଫରକ ଅଛି। ପ୍ରତ୍ୟେକ ଜେହାଦ୍ ଯୁଦ୍ଧ କରିବା ନୁହେଁ। ପ୍ରକୃତ ଯୁଦ୍ଧ ତ କତାଲ ଅଟେ। ଅନ୍ୟପଟେ ବାଇବେଲ୍‌ରେ କୋରାନ୍ କରିମ୍ ଅପେକ୍ଷା ପାଖାପାଖି ତିନିଗୁଣା ଅଧିକ

ଅର୍ଥାତ୍ ପାଂଚହଜାର ବା ତା ଠାରୁ ଅଧିକ ଆୟତ ଅଛି ଯେଉଁଥିରେ କଠୋରପନ୍ଥୀ, ଯୁଦ୍ଧ ଏବଂ ହତ୍ୟା ଇତ୍ୟାଦିର ନିର୍ଦ୍ଦେଶ ଦିଆଯାଇଛି । ପୁଣି ଇଂଜିଲ୍ ଯାହା ବିଷୟରେ ଏମାନେ କହୁଛନ୍ତି ଯେ ତାର ଶିକ୍ଷା ଏପରି ଯଦି ଜଣକ ଗାଲର ଗୋଟିଏ ପଟେ ଗୋଟିଏ ଚାପଡ଼ା ପଡ଼େ ତେବେ ଅନ୍ୟପଟକୁ ଚାପୁଡ଼ା ଖାଇବା ପାଇଁ ଦେଖାଇଦିଅ । ଏଥିରେ ମଧ୍ୟ ୨୯୦ ବା ୨୯୧ ଆୟତ ଏପରି ଅଛି ଯେଉଁଥିରେ ଏପରି ଶିକ୍ଷା ଅଛି । ଏହା ତ ଆରୋପମୂଳକ ଉତର ଅଟେ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଦ୍ୱିତୀୟ କଥା ହେଉଛି ୧୩ ବର୍ଷ ପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପରେ ଅତ୍ୟାଚାର ହୋଇଚାଲିଲା । କିନ୍ତୁ ଅଲ୍ଲାଃତାଲା ଯୁଦ୍ଧର ଅନୁମତି ଦେଲେ ନାହିଁ । ଯେତେବେଳେ ଅତ୍ୟାଚାର ଶେଷ ସୀମାରେ ପହଂଚିଗଲା ସେତେବେଳେ ଆପଣ ସ:ଆ:ସ ହିଜ୍‌ରତ୍ କରିଲେ । ଏବଂ ହିଜ୍‌ରତ୍ କରିବା ଦେଢ଼ ବର୍ଷ ପରେ ଯେତେବେଳେ କୁଫାର୍ ଆକ୍ରମଣ କଲେ ସେତେବେଳେ ପବିତ୍ର କୋରାନ୍‌ରେ ଏହି ଆୟତ୍ ଅବତୀର୍ଣ୍ଣ ହେଲା ଯେଉଁଥିରେ ମୁସ୍‌ଲମାନ୍ ମାନଙ୍କୁ ନିଜର ସୁରକ୍ଷା ନିମନ୍ତେ ଅନୁମତି ଦିଆଗଲା । ସୁରା ହଜ୍‌ର ଆୟତ୍ ନଂ-୪୦-୪୧ ରେ ନିର୍ଦ୍ଦେଶ ଦିଆଯାଇଛି ଯେ ଏବେ ଯୁଦ୍ଧ କର । ଯୁଦ୍ଧ ଏଇଥିପାଇଁ କର ଯାହାଦ୍ୱାରା ଧର୍ମ ରକ୍ଷା ହେବ । ସେହି ଆୟତ ଗୁଡିକରେ ଲେଖାଯାଇଛି ବିରୋଧୀ ମାନଙ୍କର ଆକ୍ରମଣ କରିବା ଦ୍ୱାରା ନା କୌଣସି ଚର୍ଚ୍ଚ ବାକି ରହିବ ନା କୌଣସି ସାଇନାଗଜ୍ ବାକି ରହିବ ନା କୌଣସି ମନ୍ଦିର ବାକି ରହିବ ଓ ନା କୌଣସି ମସ୍‌ଜିଦ୍ ବାକି ରହିବ । ସୁତରାଂ ଯେତେବେଳେ ଏ ଅନୁମତି ମିଳିଲା ତ ସବୁଧର୍ମର ସୁରକ୍ଷା ପାଇଁ ଏ ଅନୁମତି ମିଳିଲା ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଯେଉଁ ବାସ୍ତବିକ ଇସ୍‌ଲାମୀୟ ଇତିହାସ ଅଛି ସେଥିରୁ ଏହା ପ୍ରମାଣିତ ହେଉଛି ଯେ କିଛି ଓରିଏଂଟାଲିଷ୍ଟ୍ ଯେଉଁମାନେ ନିଜର ଇତିହାସ ତିଆରି କରି ପ୍ରମାଣିତ କରୁଛନ୍ତି ଯେ ଇସ୍‌ଲାମ୍ ଆକ୍ରମଣ କରିଛି । ଯଦିଚ ଇସ୍‌ଲାମ୍ ପ୍ରକୃତରେ କେବେ ମଧ୍ୟ ଆକ୍ରମଣ କରିନାହିଁ । ଯେପର୍ଯ୍ୟନ୍ତ ଇସ୍‌ଲାମ୍‌କୁ ବିନାଶ କରିବା ପାଇଁ ଓ ତା ଉପରେ ଅତ୍ୟାଚାର କରିବା ପାଇଁ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ ନ ହୋଇଥିଲା ସେପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସ କୌଣସି ପଦକ୍ଷେପ ନେଇନଥିଲେ । ତେଣୁ ଏହିପରି ଗୋଟିଏ ଯୁଦ୍ଧରୁ ଫେରୁଥିବା ସମୟରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ବର୍ତମାନ ଆମ୍ଭେ ଗୋଟିଏ ଛୋଟ ଜେହାଦ୍‌ରୁ ବଡ଼ ଜେହାଦ୍ ଆଡ଼କୁ ଫେରୁଛେ । ସେହି ବଡ଼ ଜେହାଦ୍ ହେଉଛି ପବିତ୍ର କୋରାନ୍‌ର ଶିକ୍ଷାକୁ ପ୍ରସାର କରିବା ଓ ତବ୍‌ଲିଗ୍ କରିବା ପାଇଁ ଚେଷ୍ଟା କରିବା । ପୁଣି ସୁଲାହ ହୃଦବିୟା ର ଚୁକ୍ତି ପରେ ଅମନ ଏବଂ ଶାନ୍ତିରେ କିଛି ସମୟ ବିତିଲା । ଏହି ଅବଧିରେ ଇସ୍‌ଲାମ୍ ଯୁଦ୍ଧ ସମୟ ଅପେକ୍ଷା ଅଧିକ ପ୍ରସାର ହେଲା । ସୁତରାଂ ଯୁଦ୍ଧ ଦ୍ୱାରା ବା କଠୋର ପନ୍ଥୀ ଗ୍ରହଣ କରିବା ଦ୍ୱାରା ଇସ୍‌ଲାମ୍ ବ୍ୟାପିନାହିଁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଏହାପରେ ହଜ୍‌ରତ୍ ଉମର୍ ର:ଅ ଙ୍କ ଖିଲାଫତ୍ ସମୟରେ ଯେତେବେଳେ ଇରାନ୍ ଆକ୍ରମଣ କଲା ସେତେବେଳେ ଆପଣ କେବଳ ତାଙ୍କ ଆକ୍ରମଣର ଉତର ଦେଲେ । ଯେତେବେଳେ ମୁସଲ୍‌ମାନ୍ ଫୌଜି ଇରାନ୍‌ର ବର୍ଡ଼ର୍‌ରେ ପହଂଚି ବସିରହିଲେ ସେ ସମୟରେ ମଧ୍ୟ ଯେତେବେଳେ ଇରାନ୍‌ର ଫୌଜ୍ ଆକ୍ରମଣ କରୁଥିଲେ ହଜ୍‌ରତ୍ ଉମର୍ ର:ଅ ନିଜର ସେନାମାନଙ୍କୁ ଓ କମାଣ୍ଡରଙ୍କୁ କହିଲେ ଯେ ତୁମେମାନେ ଏପରି ତାଙ୍କ ଉପରେ ଆକ୍ରମଣ କରନାହିଁ ଯେ ସେମାନଙ୍କ ଭିତରକୁ ପଶିଯାଅ ବରଂ କେବଳ ଡିଫେନ୍‌ସ (ପ୍ରତିରକ୍ଷା) କର । କିନ୍ତୁ ଯେତେବେଳେ ବାରମ୍ବାର ଇରାନି ସେନା ଆକ୍ରମଣ କରି ଚାଲିଲେ ସେତେବେଳେ ହଜ୍‌ରତ୍ ଉମର ପଚାରିଲେ ଏପରି ବାରମ୍ବାର ଆକ୍ରମଣ କାହିଁକି ହେଉଛି । ସେତେବେଳେ କମାଣ୍ଡର୍‌ମାନେ କହିଲେ ଆପଣ ଆମ ହାତକୁ ରୋକି ରଖିଛନ୍ତି ଯେ ତାଙ୍କ ଉପରେ ଆକ୍ରମଣ ନ ହେଉ । ଏହାପରେ କାଦିଶିଆ ଯୁଦ୍ଧ ଅନୁଷ୍ଠିତ ହେଲା । ଯାହା ମୁସଲ୍‌ମାନମାନଙ୍କ ଉପରେ ଅତ୍ୟାଚାର କରାଯାଇଥିବା ଯୋଗୁ ହୋଇଥିଲା । ଯେତେବେଳେ ମୁସଲ୍‌ମାନ୍ ସେନା ଆଗକୁ ଆଗକୁ ବଢ଼ି ଚାଲିଲେ ସେତେବେଳେ ମଧ୍ୟ କାହାକୁ ଜୋର୍ ଜବର୍‌ଦସ୍ତି ମୁସଲ୍‌ମାନ କରାଯାଇନାହିଁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଏବେ କଥା ହେଉଛି ଯେ ପବିତ୍ର କୋରାନ୍‌ର ଶିକ୍ଷା ସବୁ ଯୁଗ ପାଇଁ । ଏହା ତ ସମ୍ପୂର୍ଣ୍ଣ ଠିକ୍ କଥା । ପବିତ୍ର କୋରାନ୍‌ରେ ସବୁ ଯୁଗ ପାଇଁ ଶିକ୍ଷା ରଖାଯାଇଛି ଏବଂ ପବିତ୍ର କୋରାନ୍ ଛୋଟରୁ ଛୋଟ ସମ୍ଭାବ୍ୟଠାରୁ ନେଇ ବଡ଼ରୁ ବଡ଼ ସମ୍ଭାବ୍ୟକୁ କଭର୍ କରୁଛି । ଏହା କେଉଁଠାରେ ଲେଖାଯାଇନାହିଁ ଯେହେତୁ ବଡ଼ ସମ୍ଭାବ୍ୟର ଚର୍ଚ୍ଚା ହୋଇଛି ସେଥିପାଇଁ ଛୋଟ ସମ୍ଭାବ୍ୟ ନିମନ୍ତେ କୌଣସି ଦଣ୍ଡ ନ ଦିଆଯାଉ ବା ଯଦି କୌଣସି ବଡ଼ ସମ୍ଭାବ୍ୟ ଜନ୍ମ ନ ହୋଇଛି ତେବେ ଛୋଟ ସମ୍ଭାବ୍ୟର ସ୍ଥିତି ନ ହେଉ । ଏହା ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏବଂ ଅବବୋଧ୍ୟ ଶରିୟତ୍, ଯେଉଁଥିରେ ପ୍ରତ୍ୟେକ ସମ୍ଭାବ୍ୟକୁ ସାମିଲ୍ କରାଯାଇଛି । ସୁତରାଂ ପବିତ୍ର କୋରାନ୍‌ରେ ଆସିଛି ଯେ ଯଦି ଏପରି ପରିସ୍ଥିତି ଉପୁଜେ ତେବେ ତୁମମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିବ । ପବିତ୍ର କୋରାନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । ବୁଖାରୀର ହଦିସ୍‌ରେ ବର୍ଣ୍ଣୀତ ହୋଇଛି ଯେ ଯେବେ ଆଁ ହଜ୍‌ରତ୍ ସ:ଆ:ସ ମସି ଓ ମେହେଦୀର ଆଗମନ ବିଷୟରେ ପେଶ୍‌ଗୋଇ କରିଥିଲେ ସେତେବେଳେ କହିଥିଲେ ମସିହ୍ 'ଯଜଉଲ୍ ହରବ୍' କରିବ । ଅର୍ଥାତ୍ ଯୁଦ୍ଧକୁ ଶେଷ କରିବ । କେଉଁ ଯୁଦ୍ଧକୁ ଶେଷ କରିବ ? ଧର୍ମଯୁଦ୍ଧକୁ ଶେଷ କରିବ । ଏହାର ଅର୍ଥ ହେଉଛି ସେ ସମୟରେ ଧର୍ମ ଯୁଦ୍ଧ ହେବନାହିଁ । ଶତୃଙ୍କ ତରଫରୁ ଇସ୍‌ଲାମ୍‌କୁ ନିଃଶେଷ କରିବା ପାଇଁ ସେପରି ଆକ୍ରମଣ ହେବନାହିଁ ଯେପରି କୁଫାର୍‌ମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ଆକ୍ରମଣ କରୁଥିଲେ ବା ଇରାନୀ ବା ଅନ୍ୟାନ୍ୟ ଗୋଷ୍ଠୀମାନେ ଆକ୍ରମଣ କରିଥିଲେ । ଇସାଇ ମାନେ ମଧ୍ୟ ଆକ୍ରମଣ କରିଥିଲେ । ତେବେ ପବିତ୍ର କୋରାନ୍ ସବୁଯୁଗ ପାଇଁ ଆସିଛି ବୋଲି ସଠିକ୍ ହେବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି – 'ଇସା ମସି କର୍‌ଦେଗା ଜଙ୍ଗୋ କା ଇଲ୍‌ତିୱ୍ୱା' ଅର୍ଥାତ୍ ଇସା ମସି ଯୁଦ୍ଧ ଏଡ଼ାଇ ଦେବେ । ଏବଂ ଆଉ ଏକ ଯାଗାରେ କହୁଛନ୍ତି 'ଜୋ ଭି ଲଡ଼ାଇ କୋ ଯାଏଗା ଓ କାଫିରୋଁ ସେ ସଖ୍‌ତ ହଜିମତ୍ ଉଠାଏଗା' ଅର୍ଥାତ୍ ଯିଏ ଯୁଦ୍ଧକୁ ଯିବ ସେ ଦୁଃଖ ଉଠାଇବ । କାରଣ ଆଁ ହଜ୍‌ରତ୍ ସ:ଆ:ସ ମସିହ୍ ନିମନ୍ତେ ଯଜଉଲ୍ ହରବ୍ କହିଥିଲେ । ସେଥିଯୋଗୁଁ ଯଦି ତୁମେ ଏବେ ଯୁଦ୍ଧ କରବା ପାଇଁ ଯିବ ତେବେ ତୁମେ କାଫର୍‌ଙ୍କ ନିକଟରୁ କ୍ଷତି ଉଠାଇବ । କାରଣ ଇସ୍‌ଲାମ୍ ଉପରେ ଯେଉଁ ଆକ୍ରମଣ ହେଉଛି ତାହା ଧର୍ମ ଯୋଗୁଁ ସେପରି ହେଉନାହିଁ । ଅଲ୍ଲାଃତାଲା ଯେଉଁଠି କହିଛି ଯେ ଯୁଦ୍ଧ କର ଏବଂ ଜେହାଦ୍ କର ବୋଲି ସେଠାରେ ଏହା ମଧ୍ୟ କହି ଶାନ୍ତ୍ୱନା ଦେଇଛି ଯେ ତୁମେମାନେ ବିଜୟୀ ହେବ । ବର୍ତମାନ ସମୟରେ କେଉଁ ମୁସଲ୍‌ମାନ ଦେଶ ଏପରି ଅଛି ଯିଏ ବିଜୟ ଲାଭ କରୁଛି ବା କୌଣସି ସଫଳତା ଲାଭ କରୁଛି । ଯାହାକୁ ମୁସଲ୍‌ମାନ୍ ମାନେ ଯୁଦ୍ଧଦ୍ୱାରା ହାସଲ କରିପାରିଛନ୍ତି ? ଏହାର ଅର୍ଥ ହେଉଛି ଯେ ଏହା ଜେହାଦ୍ ନୁହେଁ, ଏ ଯୁଦ୍ଧ ଅଲ୍ଲାଃତାଲାଙ୍କ ନାମରେ ହେଉନାହିଁ । ପ୍ରକୃତ କଥା ହେଉଛି ଯେତେବେଳେ ମସିହ୍ ଆସିବ ସେ ଅମନ, ପ୍ରେମ ଓ ଶାନ୍ତିକୁ ପ୍ରସାର କରିବ । ଯେପରି ପୁର୍ବରୁ ଆସିଥିଲା ମସିହ୍ ପ୍ରସାର କରିଥିଲେ । ପ୍ରଥମ ମସିହ୍‌ଙ୍କ ଶିକ୍ଷା ପ୍ରେମ ଓ ଶାନ୍ତିର ଶିକ୍ଷା ଥିଲା । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ମୁଁ ମଧ୍ୟ ସେହି ମସିହ୍‌ଙ୍କ ପଦାଙ୍କ ଅନୁସରଣ କରି ଆସିଛି । ସେ ମୁସାଙ୍କ ମସିହ୍ ଥିଲେ । ମୁଁ ମହମ୍ମଦ୍‌ଙ୍କ ମସିହ୍ ଅଟେ । ଏବଂ ମୁଁ ମଧ୍ୟ ପ୍ରେମ ଓ ଶାନ୍ତିର ଶିକ୍ଷାକୁ ପ୍ରସାର କରିବି । ସେଥିପାଇଁ ଯୁଦ୍ଧ ଶେଷ ହୋଇଯାଇଛି । ହଁ ଯଦି କୌଣସି ସମୟରେ ଏ ସମ୍ଭାବ୍ୟ ହେବ ଯେ ଯଦି ଇସ୍‌ଲାମ୍ ଉପରେ ଏକ ଧର୍ମ ହୋଇଥିବା ଯୋଗୁଁ ଆକ୍ରମଣ କରାଯାଏ ଓ ଇସ୍‌ଲାମ୍‌କୁ ନିଃଶେଷ କରିବା ପାଇଁ ଚେଷ୍ଟା କରାଯାଏ ତେବେ ସେହି ଜେହାଦ୍ ର ଆୟତଗୁଡିକ ଲାଗୁ ହୋଇଯିବ । କିନ୍ତୁ ବର୍ତମାନ ଏପରି ଅବସ୍ଥା ନାହିଁ । ସେଥିପାଇଁ ଏ ଆୟତ ଲାଗୁ ହେବନାହିଁ । ଯେତେବେଳେ କାନୁନ୍ ତିଆରି ହୁଏ ବା ଯେତେବେଳେ ଦେଶୀୟ କାନୁନ୍ ତିଆରି କରାଯାଏ ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ନାଗରିକକୁ ଧରି ଦଣ୍ଡ ଦେଇଦିଅ ବା ଫାସୀ ଦେଇଦିଅ । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଯୁଦ୍ଧକୁ ଏଡ଼ାଇ ଦିଆଯାଇଛି ଅର୍ଥାତ୍ ଘୁଂଚାଇ ଦିଆଯାଇଛି ଏବଂ କାହିଁକି ଘୁଂଚାଇ ଦିଆଯାଇଛି ? ଏଥିପାଇଁ ଯେ ଇସ୍‌ଲାମ୍ ଉପରେ ବର୍ତମାନ ଏହା ଏକ ଧର୍ମ ହୋଇଥିବା ଯୋଗୁଁ ଆକ୍ରମଣ ହେଉନାହିଁ । ହଁ ଯେତେବେଳେ ହେବ ସେତେବେଳେ ପବିତ୍ର କୋରାନ୍‌ର ଆୟତ ଆମକୁ ନିର୍ଦ୍ଦେଶ ଦେଉଅଛି ଯେ ଏବେ ତୁମେ ଯୁଦ୍ଧ କରିପାରିବ ଏବଂ ଏପରି ପରିସ୍ଥିତିରେ ଅଲ୍ଲାଃତାଲା ଏହା ମଧ୍ୟ ଗ୍ଯାରେଂଟି ଦେଉଛନ୍ତି ଯେ ବିଜୟ ମଧ୍ୟ ତୁମର ନିଶ୍ଚିତ ରୂପେ ହେବ । କ୍ରମଶଃ.... ।

(ବ ହୱ୍ୱାଲା ଅଖ୍‌ବାରେ ବଦର୍ ୧,୮/ଜୁନ୍-୨୦୧୭)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 21 SEPT 2017 Issue No. 38

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

## ''ଅଲ୍‌ଅଏନ୍'' ମୋବାଇଲ୍ ଆଇ କ୍ଲିନିକ୍‌ର ଉଦ୍‌ଘାଟନ ।
## ଏହି ମୋବାଇଲ୍ ଆଇ କ୍ଲିନିକ୍ ବେନିନ୍‌ରେ ବ୍ୟବହାର କରାଯିବ ।
## ହ୍ୟୁମାନିଟି ଫାଷ୍ଟ୍ ଜର୍ମାନୀ ଅଧିନରେ ଆଫ୍ରିକାରେ ହ୍ୟାଣ୍ଡ ପମ୍ପ୍ସ ଓ ନଳକୂପ ଲଗାଇବାର ପ୍ରୋଗ୍ରାମ୍ ବାବଦରେ କିଣାଯାଇଥିବା Boring Rig ଏବଂ ବାଞ୍ଜୁଲ୍ (ଗାମ୍ବିଆ) ଏବଂ ଟୋଗୋ (Togo) ନିମନ୍ତେ କ୍ରୟ କରାଯାଇଥିବା ଆମ୍ବୁଲାନ୍‌ସର ନିରୀକ୍ଷଣ ।
## ୱାକିଫିନେ ନୌ ଖୁଦା ମାନଙ୍କର ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ କ୍ଲାସ୍

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

**ବାକି ରିପୋର୍ଟ**

**୨୨ ଏପ୍ରିଲ୍ ୨୦୧୭**

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପୁଣି ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କର୍ମକ୍ଷେତ୍ରରେ ଆପଣମାନେ ହେଉଛନ୍ତି ଖଲିଫାଙ୍କର ପ୍ରତିନିଧି । ତେଣୁ ଆପଣମାନଙ୍କୁ ଏହି ପ୍ରତିନିଧିତ୍ୱର ହକ୍ ପ୍ରଦାନ କରିବାକୁ ହେବ । ଯେଉଁଥିରେ ତର୍‌ବିୟତ ଓ ତବ୍‌ଲିଗ୍ ସାମିଲ୍ ଅଛି । କୌଣସି ପ୍ରକାର ଆଳସ୍ୟତାର ଆବଶ୍ୟକତା ନାହିଁ । ଏଠାରେ ଆପଣମାନଙ୍କ ସମ୍ମୁଖରେ ଗୋଟିଏ ପଦ୍ୟ ଲେଖାହୋଇ ଲଗାହୋଇଛି-

*ମେହ୍‌ମୁଦ୍ କର୍‌କେ ଛୋଡ଼େଙ୍ଗେ ହମ୍ ହକ୍‌କୋ ଆଶ୍‌କାର*
*ରୁଏ ଜମିଁ କୋ ଖ୍ୱାହ ହିଲାନା ପଡ଼େ ହମେଁ ।*

ବେଳେବେଳେ ମୁଁ ଦେଖୁଅଛି ସାରା ସଂସାରକୁ ଦୋହଲେଇବେ କଣ, କିଛି ଲୋକ ଛୋଟ ଛୋଟ କଷ୍ଟ ବା ସାମାଜିକ ଉତେଜନା ଦ୍ୱାରା ବା ଏହି ସବୁ ଦେଶ ଗୁଡିକର ଭୁଲ୍ କାନୁନ୍, ଯାହା ସେମାନେ ସ୍ୱାଧୀନତା ନାମରେ ତିଆରି କରିଛନ୍ତି ସେମାନଙ୍କର ଅଧିନରେ ଆସି ହିକ୍‌ମତ୍‌କୁ ହାତଛଡ଼ା କରିଦେଉଛନ୍ତି ଓ ଆଳସ୍ୟତା ଆରମ୍ଭ କରିଦେଉଛନ୍ତି । ସାରା ସଂସାରକୁ ଆମେ ସେତେବେଳେ ଦୋହଲାଇ ପାରିବା ଯେତେବେଳେ ଆମର ଇମାମ୍ ମଜବୁତ୍ ଥିବ ଏବଂ ଏହି ମଜବୁତ୍ ଇମାମ୍ ସହିତ ଆମେ ଦୁନିଆର ମୁକାବିଲା କରିପାରିବା । ଯଦି ପବିତ୍ର କୋରାନ୍ କହୁଅଛି ଯେ ସମଲିଙ୍ଗୀ ଗୋଟିଏ ଖରାପ ଜିନିଷ ତେବେ କେତେ ବି ସାଂସାରିକ କାନୁନ୍ ଭାଙ୍ଗି ଯାଉ ପଛେ ତାହାର ମୁକାବିଲା ଆମକୁ କରିବାର ହେବ । ଯଦି ଇସ୍‌ଲାମ୍ କହୁଛି ଯେ ସ୍ତ୍ରୀ ଓ ପୁରୁଷ ମାନଙ୍କ ମଧ୍ୟରେ ଏକ ପ୍ରଭେଦ ଅଛି ଏବଂ ସେମାନଙ୍କ ଭିତରେ ଦୂରତା ରହିବା ଉଚିତ୍ ଏବଂ ହାତ ମିଳାଇବାରୁ ବଂଚିବା ଉଚିତ୍ ବୋଲି ତେବେ ଏଥିରେ ଆପଣମାନଙ୍କୁ ସାହାସର ସହିତ କାର୍ଯ୍ୟ କରିବା ଉଚିତ୍ । ଏହିପରି ଅନ୍ୟାନ୍ୟ ଅଧିକାର ଗୁଡିକ ମଧ୍ୟ ଅଛି । ଯଦି ସ୍ୱାଧିନତା ନାମରେ ଏମାନେ ବିଗିଡ଼ି ଯାଉଛନ୍ତି ତେବେ ସେମାନଙ୍କୁ ସେଥିରୁ ବଂଚାଇବା ପାଇଁ ଆପଣମାନଙ୍କୁ ନିଜର ସଠିକ୍ କାର୍ଯ୍ୟ କରିବା ଉଚିତ୍ । ଏପରି ନ ହେଉ ଯେ ମସ୍‌ଲେହତ୍ ନାମରେ କପଟତା ଓ ଆଳସ୍ୟତା ଦେଖାଇବା ଆରମ୍ଭ କରିଦିଅନ୍ତୁ । ମସ୍‌ଲେହତ୍ ଏବଂ ମଦାହିନତ୍‌ରେ ବହୁତ ବଡ଼ ଫରକ ଅଛି । ମସ୍‌ଲେହତ୍ ହେଉଛି ଗୋଟିଏ ଜିନିଷକୁ ଆପଣମାନେ ହିକ୍‌ମତ୍ ସହିତ ବର୍ଣ୍ଣନା କରିବେ କିନ୍ତୁ କୌଣସି ପ୍ରକାରର ଦୁର୍ବଳତା ଦେଖାଇବେ ନାହିଁ ବା ଏପରି କୌଣସି କାର୍ଯ୍ୟ କରିବେ ନାହିଁ ଯାହା ଇସ୍‌ଲାମୀୟ ଶିକ୍ଷାର ଖିଲାପ୍ ହେବ । ହଁ ଯଦି ଝଗଡ଼ା ହେବାର ଆଶଙ୍କା ଅଛି ତେବେ ସେଠାରୁ ଉଠିକରି ଚାଲିଯାଆନ୍ତୁ । ଆମେ ଝଗଡ଼ା କରିବା ନାହିଁ କିନ୍ତୁ ଆମର ଯେଉଁ ବିଶ୍ୱାସ ଓ ଯେଉଁ ମୂଳ ଶିକ୍ଷା ଅଛି ଯାହାକୁ କରିବା ପାଇଁ ଅଲ୍ଲାଃ ଏବଂ ତାର ରସୁଲ୍ ଆମକୁ ନିର୍ଦ୍ଦେଶ ଦେଇଛନ୍ତି ସେଥିରୁ ଆମେ ପଛଘୁଂଚା ଦେବାନାହିଁ । ଯଦିଚ ଗୋଟିଏ ଖବର କଣ ଖବର କାଗଜ ଗୁଡିକରେ ମଧ୍ୟ ଆପଣଙ୍କ ବିରୋଧରେ ସ୍ତମ୍ଭ ଉପରେ ସ୍ତମ୍ଭ ଲେଖି ଚାଲନ୍ତୁ ନାଁ କାହିଁକି । ତେବେ ମଧ୍ୟ ଆପଣମାନେ ନିଜ ବିଶ୍ୱାସ ଉପରେ କାଏମ୍ ରହିବେ ଏବଂ ତାଙ୍କର କୌଣସି ପରବାୟ କରିବାର ନାହିଁ । ସେଥିପ୍ରତି କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ । ଇସ୍‌ଲାମ୍‌ର ବାର୍ତାକୁ ନିଶ୍ଚିତ ରୂପେ ପହଂଚାଇବାକୁ ହେବ । ଏହା ଅଲ୍ଲାଃତାଲାଙ୍କର ପ୍ରତିଶୃତି ଅଟେ । ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସ୍ୱର୍ଗବାଣୀ କରି କହିଛନ୍ତି ଯେ ''ମେଁ ତେରି ତବ୍‌ଲିଗ୍ କୋ ଜମିନ୍ କେ କିନାରୋଁ ତକ୍ ପହଁଚାଉଁଗା ଅର୍ଥାତ୍ ମୁଁ ତୋର ବାର୍ତାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦେବି । ଯଦି ଅଲ୍ଲାଃତାଲା ଏପରି ପ୍ରତିଶୃତି ଦେଇଛନ୍ତି ତେବେ ଆମକୁ କଣ ଆବଶ୍ୟକ ଅଛି । ପୁଣି ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ''ମେଁ ଔର ମେରେ ରସୁଲ୍ ଗାଲିବ୍ ଆଏଂଗେ'' ଅର୍ଥାତ୍ ମୁଁ ଏବଂ ମୋର ରସୁଲ୍ ବିଜୟ ହେବୁ । ଯଦି ଏପରି ପ୍ରତିଶୃତି ଆସ ସହିତ ଅଛି ତେବେ ଆମକୁ କୌଣସି ପ୍ରକାର ଭୟର ଆବଶ୍ୟକତା ନାହିଁ ଯେ କାଳେ ଆମର ବାର୍ତା ପହଂଚିବ ବା ନାହିଁ । ଏହା ମସ୍‌ଲେହତ୍ ନୁହେଁ ବରଂ କାପୁରୁଷତା ଅଟେ । ଜଣେ ମୋବୋଲିଗ୍, ଜଣେ ମୁରବୀ ବରଂ ଓହ୍‌ଦାଦାର୍‌ମାନେ ମଧ୍ୟ ଏପରି କାପୁରୁଷତା ପ୍ରକାଶ କରିବା ଉଚିତ୍ ନୁହେଁ । ତେବେ ଯାଇ ଆପଣମାନେ ଖଲିଫାଙ୍କର ପ୍ରତିନିଧିତ୍ୱ କରିବାର ସଠିକ୍ ହକ୍ ପ୍ରଦାନ କରିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପୁଣି ଆପଣ ଜମାତ୍‌ର ଲୋକମାନଙ୍କ ଭିତରେ ଏ ବିଶ୍ୱାସ ଜନ୍ମାଇବେ ଯେ ଆପଣମାନେ ଆଲିମ୍ ବା ଅମଲ୍ ଅର୍ଥାତ୍ ସକ୍ରିୟ ଜ୍ଞାନୀ ଅଟନ୍ତି । ଏହି ମୌଲବୀମାନଙ୍କ ପରି ନୁହେଁ ଯେଉଁମାନେ ମେମ୍ବର୍ ଉପରେ ଛିଡ଼ା ହୋଇ ଭାଷଣ ତ କରିଦିଅନ୍ତି କିନ୍ତୁ ଯେତେବେଳେ ନିଜର ପାଳି ଆସେ ସେତେବେଳେ ସେମାନଙ୍କର ସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳି ଯାଏ । ବରଂ ଆପଣମାନେ ଯାହା କହୁଛନ୍ତି ତାହା କରି ଦେଖାଉଛନ୍ତି । ଯଦି ଏପରି ଆପଣମାନେ ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତିମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇଦେବେ ତେବେ ଯମାତ୍‌ର ଲୋକମାନଙ୍କ ମନରେ ଆପଣମାନଙ୍କର ସମ୍ମାନ ବହୁ ଗୁଣରେ ବଢ଼ିଯିବ । ସମ୍ମାନ କୌଣସି ସାଂସାରିକ ଖୁସାମଦ୍ ଦ୍ୱାରା ମସ୍‌ଲେହତ୍ ଦ୍ୱାରା ବଢ଼େନାହିଁ । ସମ୍ମାନ ତ ଅଲ୍ଲାଃତାଲା ଦେଇଥାଏ । ଏହା ସେତେବେଳେ ହୋଇଥାଏ ଯେତେବେଳେ ଆପଣମାନଙ୍କର କଥନ ଓ କାର୍ଯ୍ୟ ଏକାପରି ହେବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହିପରି ମଇଦାନେ ଅମଲ୍ (କର୍ମକ୍ଷେତ୍ର) ରେ କିଛି ଏପରି କାର୍ଯ୍ୟର ଆପଣମାନେ ସମ୍ମୁଖିନ ହେବେ । ତା ଉପରେ ଆପଣମାନେ ସବୁବେଳେ ଚିନ୍ତା କରି ଫଇସଲା କରିବେ ଯାହା ଯମାତ୍‌କୁ ଲାଭ ପହଂଚାଇବ ।

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ......*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**